# ଆବର୍ଜନାରେ ପୋତି ହେଉଛି ମୂଳ ଖରସ୍ରୋତା

**ରସୁଲପୁର,୧୯(ଡି.ଏନ.ଏ.)**

- ବନ୍ୟା ନିୟନ୍ତ୍ରଣରେ ବିଫଳ ତଳମୁଣ୍ଡ ସ୍ଲୁଇସ୍ ଗେଟ୍
- ଉପର ମୁଣ୍ଡରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରିବାକୁ ଦାବି

ରସୁଲପୁର ବ୍ଲକ୍ ଅଞ୍ଚଳର ଉତ୍ତର ସୀମାରେ ପ୍ରବାହିତ ମୂଳ ଖରସ୍ରୋତା ନଦୀ ଏବେ ଆବର୍ଜନାରେ ପୋତି ହେଉଛି। ଏହି ନଦୀର ତଳମୁଣ୍ଡ ଖଣ୍ଡିତରଠାରେ ନିର୍ମିତ ସ୍ଲୁଇସ୍‌ଗେଟ୍ ବନ୍ୟା ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଫଳରେ ନଦୀରେ ଆସିଥିବା ପ୍ରଥମ ବନ୍ୟାଜଳରେ ନଦୀ ଅବବାହିକାରେ ଥିବା ୪ଟି ପଞ୍ଚାୟତ ଯଥା ; ଭୋଟକା, ଗନ୍ଧଣ, ଟିକରପଡ଼ା, ରସୁଲପୁର ଆଦିର ୧,୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇ ଖରିଫ ଚାଷ ପ୍ରଭାବିତ ହୋଇଛି।

୩ ଦଶନ୍ଧି ତଳେ ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ବ୍ଲକର ଟିକରପଡ଼ାଠାରେ ଘାଇ ହୋଇଥିଲା। ଏହି ଘାଇ ଏକ ପାଟଦେଇ ପ୍ରବାହିତ ହୋଇ ଖଣ୍ଡିତରଠାରେ ପୁଣି ଖରସ୍ରୋତା ନଦୀରେ ବିଲୀନ ହୋଇଥିଲା। ନଦୀର ସେହି ଅଂଶକୁ ପାଟିଆ ବୋଲି କୁହାଯାଉଛି। ହେଲେ ମୂଳ ଖରସ୍ରୋତା ନଦୀର ଘାଇ ସୃଷ୍ଟି ହୋଇଥିବା ସ୍ଥାନରୁ ବ୍ଲକର ଟିକରପଡ଼ା, ଶ୍ରୀବନ୍ତପୁର, ନଠୁଆବର, ବଡ଼କଇଞ୍ଚ, ଗନ୍ଧଣ, ଭୋଟକା, ରାହାମ୍ବା, ରସୁଲପୁର ଆଦି ପଞ୍ଚାୟତ ଦେଇ(୧୩ କି.ମି. ଦୀର୍ଘ) ପ୍ରବାହିତ ହୋଇଥିଲା। ଖରସ୍ରୋତାରେ ବନ୍ୟା ଆସିଲେ ଏହି ପଞ୍ଚାୟତର ଲୋକେ ପ୍ରବାହିତ ହୁଅନ୍ତି। ମୂଳ ଖରସ୍ରୋତା ଓ ଘାଇ ଉତ୍ପତ୍ତି ସ୍ଥଳରୁ ଖରସ୍ରୋତାର ଅଧିକ ବନ୍ୟାଜଳ ପାଟିଆ ଦେଇ ପ୍ରବାହିତ ହୁଏ। କାଳକ୍ରମେ ମୂଳ ଖରସ୍ରୋତାର ଉପରମୁଣ୍ଡ ପୋତି ହୋଇ ଯାଇଥିଲେ ମଧ୍ୟ ନଦୀକୂଳିଆ ବନ୍ୟାଦାଉରୁ ରକ୍ଷା ପାଇପାରୁ ନ ଥିଲେ। ଉପରମୁଣ୍ଡରୁ ବନ୍ୟାଜଳ ବିଳମ୍ବରେ ନଦୀରେ ପ୍ରବାହିତ ହେଉଥିଲେ ବି ତଳମୁଣ୍ଡ ଦେଇ ବନ୍ୟାଜଳ ମୂଳ ଖରସ୍ରୋତାରେ ପ୍ରବେଶ କରୁଥିବାରୁ ତଟବାସୀ ପ୍ରଭାବିତ ହେଉଥିଲେ। ଏହି ଧାରାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୂଳ ଖରସ୍ରୋତାକୁ ମାରି ଦେବାର ଅପଚେଷ୍ଟା କରାଯାଇଛି। ୨୦୦୨ ଅର୍ଥାତ୍ ୨୦ବର୍ଷ ତଳେ ନଦୀ ଉପରମୁଣ୍ଡକୁ ପୋତିଦେବା ଯୋଗୁ ନଦୀକୂଳିଆଙ୍କୁ ଅନେକ ଦୁଃଖ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ମୂଳ ଖରସ୍ରୋତାର ଉପରମୁଣ୍ଡରେ ବନ୍ଧ ବନ୍ଧାଯାଇ ଜଳ ପ୍ରବାହିତ ଧାରାକୁ ବନ୍ଦ କରି ଦିଆଯାଇଥିଲା। ତଳମୁଣ୍ଡ (ଖଣ୍ଡିତରଠାରେ) ନଦୀରେ ବନ୍ୟାଜଳ ପ୍ରବେଶ ନ କରିବା ପାଇଁ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଗଲା। ବନ୍ୟା ସମୟରେ ଏହି ଗେଟ୍ ବନ୍ଦ ରହୁଛି।



ଏହି ନଦୀଅଂଶ ସହ ବିଭିନ୍ନ ପଞ୍ଚାୟତର ପାଟନାଳୀରୁ ବହି ଆସୁଥିବା ଆବର୍ଜନା ଜଳ ସ୍ଲୁଇସ ଗେଟ୍ ଦେଇ ଖରସ୍ରୋତା ଗର୍ଭକୁ ବହିଯିବ। ମାତ୍ର ସ୍ଲୁଇସ୍‌ଗେଟରେ ରହିଥିବା ତ୍ରୁଟି ଯୋଗୁ ଏହିଭଳି ପ୍ରୟାସ ବିଫଳ ହେଲା, ଯାହାର ପରିଣାମ ମୂଳ ଖରସ୍ରୋତା ନଦୀକୂଳିଆବାସୀଙ୍କୁ ଭୋଗିବାକୁ ପଡୁଛି। ତେଣୁ ଏହି ନଦୀକୁ ଚିରସ୍ରୋତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଖରସ୍ରୋତା ପୁନରୁଦ୍ଧାର ସମିତି ନଦୀକୁ ବଞ୍ଚାଇବା ପାଇଁ ଆନ୍ଦୋଳନ ଜାରି ରଖିଛି। ସଂଗଠନ ପକ୍ଷରୁ ନଦୀର ଉପରମୁଣ୍ଡରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ କରି ବନ୍ୟା ନିୟନ୍ତ୍ରଣ କରାଯିବା ସହ ବର୍ଷସାରା ନଦୀରେ ଜଳ ପ୍ରବାହିତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ତଳମୁଣ୍ଡ ସ୍ଲୁଇସ୍ ଗେଟରେ ପରିଲକ୍ଷିତ ହୋଇଥିବା ତ୍ରୁଟିବିଚ୍ୟୁତିରେ ସୁଧାର ଆଣିବା ପାଇଁ ବିଭିନ୍ନ ପଞ୍ଚାୟତରେ ପଦଯାତ୍ରା କରାଯାଉଛି। ଆଗକୁ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କୁହାଯାଉଛି। ଏହି ନଦୀ ଗର୍ଭରୁ ଅଳିଆଅବର୍ଜନାକୁ ତୁରନ୍ତ ସଫା କରିବା ସହ ଉପରମୁଣ୍ଡରେ ସ୍ଲୁଇସ୍ ଗେଟ ନିର୍ମାଣକୁ ନେଇ ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ଦାବି ହେଉଛି। ଏ ନେଇ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁବାସ ସାହୁ କହିଛନ୍ତି, ତଳମୁଣ୍ଡରେ ନିର୍ମିତ ସ୍ଲୁଇସ୍ ଗେଟ୍‌ରେ ଫାଟ ସୃଷ୍ଟି ହେବାରୁ ୨୦୨୦ ବନ୍ୟାରେ ସ୍ଲୁଇସ୍ ଗେଟ ସ୍ଥାନରେ ଏକ ଘାଇ ହୋଇଥିଲା। ଏହି ଘାଇ ଦ୍ୱାରା ସ୍ଲୁଇସ୍ ଗେଟ ପ୍ରବାହିତ ହୋଇଥିଲା। ପରେ ଏହି ଗେଟ୍‌କୁ ମରାମତି କରିଦିଆଯାଇଛି। ତେବେ କାହିଁକି ବନ୍ୟା ଜଳ ନିୟନ୍ତ୍ରଣ ହୋଇପାରୁ ନାହିଁ, ତାହାକୁ ସେ ଅନୁଧ୍ୟାନ କରି ଦେଖିବେ। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ବନ୍ୟା ସମୟରେ ଗେଟ୍ ଖୋଲି ଦେଉଥିବାରୁ ଏଭଳି ସ୍ଥିତି ଉପୁଜୁଥାଇ ପାରେ ବୋଲି ସେ ଅନୁମାନ କରୁଥିବା କହିଛନ୍ତି।

## ସଂକ୍ଷେପରେ

### ହମ୍ପ୍‌ସରେ ପଡ଼ି ବାଇକ୍ ଚାଳକ ଗୁରୁତର



**ପାଣିକୋଇଲି,୧୯(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ବୁଧବାର ରାତିରେ ହମ୍ପସରେ ପଡି ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଜାରକା କୋଟପୁର ଗ୍ରାମର ବସନ୍ତ ଦାସଙ୍କ ପୁଅ ହେମନ୍ତ(୪୧)। କୌଣସି କାର୍ଯ୍ୟରେ ହେମନ୍ତ ଭଦ୍ରକ ଯାଇ ଜାରକା ଫେରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ଅଶୋକ କୁମାର ବଳ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବଳ ପ୍ରଥମେ ନିଜ ଗାଡିରେ ମୃତ୍ୟୁଞ୍ଜୟ ପହିଙ୍କ ସହାୟତାରେ ସମ୍ପୃକ୍ତ ଯୁବକଙ୍କୁ ଷଠିପୁର ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ଯାଜପୁର ପଠାଇଥିଲେ।

### ୧୫ରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ



**ଚଣ୍ଡିଖୋଲ,୧୯(ଡି.ଏନ.ଏ.):** ବଡ଼ଚଣା ବିଜୁ ଜନତା ଦଳର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ବାଲିଚନ୍ଦ୍ରପୁରସ୍ଥିତ ରବୀନ୍ଦ୍ର ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ୯ପଞ୍ଚାୟତକୁ ନେଇ ବାଲିଚନ୍ଦ୍ରପୁରଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେଣୁ ବଡ଼ଚଣାର ୪୩ ପଞ୍ଚାୟତକୁ ନେଇ ୪ଟି ଜୋନ୍ କରାଯାଇଛି। ତେବେ ବାଲିଚନ୍ଦ୍ରପୁର ଜୋନରେ ୭୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଯୁବ, ଛାତ୍ର ଓ ମହିଳା ସଙ୍ଗଠନ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ପଣ୍ଡା, ସେକ୍ ମୋଇନି ଅହମଦ, ଅନନ୍ତ ସିଂହ, ଯୁବ ଓ ଛାତ୍ର ବିଜେଡି ପଞ୍ଚାୟତ ସଭାପତିଙ୍କ ସମେତ ଡିଜିଟାଲ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳା ପୋଲିସ କବ୍‌ଜାରେ ଏଟିଏମ୍ ଲୁଟ୍ ଗ୍ୟାଙ୍ଗ୍

**ଧର୍ମଶାଳା,୧୯(ଡି.ଏନ.ଏ.)**

ଧର୍ମଶାଳା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣ ଏଟିଏମ୍ ଲୁଟେରାଙ୍କୁ କାବୁ କରିଛି। ଗତ ମାସ ୨୪ ତାରିଖ ରାତିରେ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ନେଉଳପୁର ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଦୁର୍ବୃତ୍ତ ତାଡ଼ି ନେଇଥିଲେ। ୨୫ ତାରିଖ ସକାଳେ ଖବର ପାଇ ଧର୍ମଶାଳା ପୋଲିସ ସେଠାରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଲୁଟ୍ ଏଟିଏମ୍‌ରେ ୫ ଲକ୍ଷ ୬୭ହଜାର ୫ଶହ ଟଙ୍କା ଥିବା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଥିଲେ। ଦୁର୍ବୃତ୍ତମାନେ ଏଟିଏମ୍‌ରୁ ଟଙ୍କା ଲୁଟ୍ କରିବା ପରିବର୍ତ୍ତେ ମେଶିନକୁ ତାଡ଼ି ନେଇଯିବା ଘଟଣା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେଣୁ ଲୁଟେରାଙ୍କୁ ଧରିବା ପାଇଁ ଏସ୍‌ପି ରାହୁଲ ପିଆର୍‌ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଲୁଟେରାଙ୍କୁ ଧରିବା ପାଇଁ ଯାଜପୁର ଜିଲାର ୩ଜଣ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଜଣ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଛି। ଲୁଟେରାଙ୍କଠାରୁ କିଛି ପରିମାଣର ଟଙ୍କା ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ଅଧିକ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବାରୁ ପୋଲିସ ତଦନ୍ତ ଜାରି ରଖିଛି। ତେଣୁ ପୋଲିସ ଏ ସମ୍ପର୍କରେ ତଥ୍ୟ ଦେବାକୁ ଅମଙ୍ଗ ହୋଇଛି। ଶୁକ୍ରବାର ଏହି ଘଟଣା ଉପରୁ ପରଦା ହଟିବ ବୋଲି ସୂଚନା ମିଳିଛି।

# ସରପଞ୍ଚଙ୍କ ଦସ୍ତଖତ ଜାଲିଆତି ଅଭିଯୋଗ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଯାଜପୁର ଅଫିସ,୧୯**

- ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ଦାବିପତ୍ର

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନାଙ୍କ ବିରୋଧରେ ସରପଞ୍ଚ ରେବତୀ ମହାନ୍ତ ଜାଲିଆତି ଅଭିଯୋଗ ଆଣିଛନ୍ତି। ସରପଞ୍ଚ ମହାନ୍ତଙ୍କ ଦସ୍ତଖତକୁ ଜାଲିଆତି କରି ନିର୍ବାହୀ ଅଧିକାରୀ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକୁ ଅନୁମୋଦିତ କରାଇ ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ବନ୍ଧରେ ସରପଞ୍ଚ ମହାନ୍ତ ପ୍ରଥମେ ଜାଣି ପାରି ନ ଥିଲେ। ଏକ ପ୍ରକଳ୍ପ ଏବଂ କେତେକ ମଷ୍ଟରରୋଲକୁ ଅନୁମୋଦନ ପାଇଁ ସରପଞ୍ଚ ମଗାଇଥିବା ବେଳେ ତାହା ପୂର୍ବରୁ ଅନୁମୋଦିତ ହୋଇସାରିଥିବା ଦେଖିବାକୁ ପାଇଥିଲେ। ସେଥିରେ ତାଙ୍କ ନିଜ ଦସ୍ତଖତ ହୋଇଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ସମ୍ବନ୍ଧରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାପରେ ସରପଞ୍ଚ ମହାନ୍ତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଲିଖିତ ଭାବେ ବିଡିଓ ତାପସ ସେଠୀଙ୍କୁ ଜଣାଇଥିଲେ। ବିଡିଓ ଏହାକୁ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ବନ୍ଧରେ ନିର୍ବାହୀ ଅଧିକାରୀ ସନ୍ତୋଷ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, କାଗଜପତ୍ର ଦେଖିଲା ପରେ ସେ କିଛି କହିପାରିବେ। ଅନ୍ୟାନ୍ୟ ଆର୍ଥିକ କାରବାରରେ ବି ଏଭଳି କରିଥାଇପାରନ୍ତି ବୋଲି ସରପଞ୍ଚ ମହାନ୍ତ ସନ୍ଦେହ କରି ବିଡିଓଙ୍କୁ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚଙ୍କ ସହ ଭାଜପାର ବରିଷ୍ଠ ନେତା ଯାତ୍ରାକର ଜେନା, ଯୁବ ନେତା ସରୋଜ ବାରିକ, ପ୍ରକାଶ ବେହୁରା, ସନ୍ତୋଷ ମୁଦୁଲି, ସମ୍ବିତ କୁମାର ବେହୁରା, ରୋହିତ ମହାନ୍ତ, ମିଶ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ବିୟୋଗ

**ବରୀ,୧୯(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ କୁଶବଟ ଗ୍ରାମର ଅବସରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଦିକନ୍ଦ ସେଠୀଙ୍କ ବିୟୋଗ ଘଟିଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ବିଭିନ୍ନ ଜିଲାରେ ସେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। କେବଳ ସରକାରୀ କର୍ମଚାରୀ ନୁହେଁ ସମାଜ ମଙ୍ଗଳ କାର୍ଯ୍ୟ, ସମାଜ ସଂସ୍କାରକ ଓ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହି ସେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ବିଜୟ କୁମାର ନାୟକ, ଯୁବ ସାମାଜିକ କର୍ମୀ ସଂଗ୍ରାମ କୁମାର ସାହୁ, ଆଶିଷ ବେହେରା, ସନ୍ଦୀପ ସାହୁ, ଅର୍ଜୁନ ଜେନା, ନିରଞ୍ଜନ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ନବନିଯୁକ୍ତ ରାଜ୍ୟ ସମ୍ପାଦିକାଙ୍କୁ ସ୍ୱାଗତ

**ଧର୍ମଶାଳା,୧୯(ଡି.ଏନ.ଏ.)**



ମୋନାଲିସା ଦାଶ

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚୋରମୁହାଁ ଗ୍ରାମର ମୋନାଲିସା ଦାଶଙ୍କୁ ବିଜେଡି ରାଜ୍ୟ ମହିଳା ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା କରାଯାଇଛି। ସେ ବିଜୁ ଜନତା ଦଳର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ପରାକାଷ୍ଠା ପ୍ରତିପାଦିତ କରିପାରିଛନ୍ତି। ଏଭଳି ଦକ୍ଷତାପୂର୍ଣ୍ଣ କାର୍ଯ୍ୟକୁ ନଜରରେ ରଖି ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସୁପାରିସକ୍ରମେ ମୋନାଲିସାଙ୍କୁ ରାଜ୍ୟ ବିଜେଡିର ମହିଳା ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କର ଏହି ନିଯୁକ୍ତିକୁ ନେଇ ଧର୍ମଶାଳା ବିଜୁ ଜନତାଦଳ ସମେତ ମହିଳା, ଯୁବ, ଛାତ୍ର ଓ ଗାର୍ଲସ ୱିଙ୍ଗସ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ନିଯୁକ୍ତି ପାଇବା ପରେ ମୋନାଲିସା ଖୁସିବ୍ୟକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିବ ବୋଲି ସେ କହିଛନ୍ତି।

# ମାଙ୍କଡ଼ କାମୁଡ଼ାରେ ୪ ଆହତ

**ଚଣ୍ଡିଖୋଲ,୧୯(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ, ବେଣାପୁର, ଶାନ୍ତିପୁର ଆଦି ଗ୍ରାମରେ ୨ ଦିନ ହେବ ମାଙ୍କଡ଼ ଉତ୍ପାତ ବୃଦ୍ଧି ପାଉଛି। ଏହି ଦୁଇଦିନ ମଧ୍ୟରେ ପ୍ରାୟ ୪ଜଣ ବ୍ୟକ୍ତିଙ୍କୁ ମାଙ୍କଡ଼ କାମୁଡ଼ି ସାରିଲାଣି। ସେମାନେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ବହୁ ସଂଖ୍ୟାରେ ମାଙ୍କଡ଼ ଗ୍ରାମ ମଧ୍ୟକୁ ପଶି ଆସିଥିବା ବେଳେ ସେଥିରୁ ଗୋଟିଏ ମାଙ୍କଡ଼ ଲୋକଙ୍କୁ ଦେଖିଲେ କାମୁଡ଼ି ଗୋଡ଼ାଉଛି। ଅନୁମାନ କରାଯାଉଛି କି ମାଙ୍କଡ଼ଟି କୌଣସି କାରଣରୁ ପାଗଳ ହୋଇଯାଇଛି। ଏ ସମ୍ପର୍କରେ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କେହି କର୍ମଚାରୀ ଆସୁନାହାନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ବନ ବିଭାଗ ଫରେଷ୍ଟର ଶଶିକାନ୍ତ ବେହେରା କହିଛନ୍ତି, କେହି ଜଣେ ଛୋଟ ପୋଷା ମାଙ୍କଡ଼ ଛାଡ଼ି ଦେଇଛନ୍ତି। ତେଣୁ ସେ ମାଙ୍କଡ଼ ଲୋକଙ୍କୁ କାମୁଡି ଗୋଡ଼ାଉଛି। ବିଭାଗ ତରଫରୁ ତାହାକୁ ଧରିବାକୁ ଚେଷ୍ଟା ଜାରି ରହିଛି। ସେ ନଳିତା ଚାଷ ହୋଇଥିବା ବିଲରେ ଛକି ଯାଉଛି। ନଳିତା ଗଛ ଗୁଡ଼ିକ ବଡ଼ ହୋଇ ଯାଇ ଥିବାରୁ ତାହାକୁ ଧରିବା କଷ୍ଟକର ହେଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ପ୍ରଶିକ୍ଷକ, କୃତୀ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

**ବରୀ,୧୯(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ଅଲିଆବାଦ ଉଚ୍ଚ ବିଦ୍ୟାଳୟର ସାଗର ଶାନ୍ତି ଓ ଦୀପ୍ତିମୟୀ ଦାସ ଦୌଡ଼ କୁଦ ଏବଂ ହିମାଂଶୁ ଶେଖର ଜେନା ଖୋ ଖୋରେ ଅଧ୍ୟୟନ ଓ ପ୍ରଶିକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମନୋନୀତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ବରୀ ବିଧାୟିକା ସୁନନ୍ଦା ଦାସ ଅଲିଆବାଦ ପ୍ରଶିକ୍ଷଣ ଶିବିରରେ ପହଞ୍ଚି ସମ୍ପୃକ୍ତ ୩ କୃତୀ ଛାତ୍ରୀଛାତ୍ରଙ୍କ ସହ ଅଲିଆବାଦ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ତରୁଣ କୁମାର ଦାସଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ଖେଳ ପଡ଼ିଆର ଉନ୍ନତୀକରଣ ଏବଂ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ବିଧାୟିକାଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷକନେତା ଲୋକନାଥ ଦାସ, ପ୍ରାକ୍ତନ ସରପଞ୍ଚ ବାବାଜୀ ଦାସ, ମହେନ୍ଦ୍ର କୁମାର ଜେନା, ସରପଞ୍ଚ ସରଳା ମଲିକ, ଅଲିଆବାଦ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏସ୍.କେ ଜାବିରଉଦ୍ଦିନ, ଅଲିଆବାଦ ଯୁବକ ସଂଘର ଅଶୋକ ଦାସ, ରମେଶ ସେଠୀ, ଦିବ୍ୟରଞ୍ଜନ ଦାସ, ଗୋବର୍ଦ୍ଧନ ଜେନା, ମଞ୍ଜୁଲତା ପ୍ରଧାନ, ମଥୁରୀ ଚରଣ ଜେନା ଓ ଅଶୋକ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଉକ୍ତ ୩ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶିକ୍ଷଣ ପାଇବାକୁ ମନୋନୀତ ହୋଇଛନ୍ତି। ଅବସରପ୍ରାପ୍ତ ସେନା କର୍ମଚାରୀ ତରୁଣ କୁମାର ଦାସଙ୍କ ପ୍ରଶିକ୍ଷଣ ଯୋଗୁ ଛାତ୍ରୀଛାତ୍ର ଏହି ସଫଳତା ପାଇଛନ୍ତି।



ବିଧାୟିକା କୃତୀ କ୍ରୀଡ଼ାବିତ୍ ଓ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପୁଣି ମେସ୍କୋ କାରଖାନାରେ କର୍ମଚାରୀଙ୍କ ବିକ୍ଷୋଭ

**କଳିଙ୍ଗନଗର,୧୯(ଡି.ଏନ.ଏ.)**

ମେସ୍କୋ ଷ୍ଟିଲ୍ କାରଖାନାର କର୍ମଚାରୀମାନେ ଗୁରୁବାର କାରଖାନା ଫାଟକରେ ତାଲା ପକାଇ ପୁଣି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରମ୍ବାର ପ୍ରଶାସନ ଓ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେଉଥିଲେ ମଧ୍ୟ କାରଖାନା ଚାଲିବା ଏବଂ ବକେୟା ପାଉଣା ମିଳିବା ନେଇ କୌଣସି ସଂକେତ ମିଳିନାହିଁ। କର୍ମଚାରୀଙ୍କ ଅଭିଯୋଗ ମୁତାବକ, କେବଳ ପ୍ରଶାସନିକ ଆଶ୍ୱାସନା ବ୍ୟତୀତ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ଅଗଷ୍ଟ ୨୨ରେ କର୍ମଚାରୀ କାରଖାନା ଚାଲିବା ଏବଂ ବକେୟା ପାଉଣା ଦାବିରେ ଆନ୍ଦୋଳନ କରିବା ସହିତ କାରଖାନାକୁ କୋଇଲା ନେଇ ଆସୁଥିବା ଗାଡି ଗୁଡିକୁ ଅଟକ ରଖିଥିଲେ। ସେତେବେଳେ ପୋଲିସ ଓ ଜିଲା ପ୍ରଶାସନର ଅନୁରୋଧରେ ଆନ୍ଦୋଳନ ସାମୟିକ ଭାବେ ପ୍ରତ୍ୟାହୃତ ହୋଇଥିଲା। ପରେ ଗତ ମାସ ୨୫ ତାରିଖରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ବସିଥିବା ତ୍ରିପାକ୍ଷିକ ବୈଠକରେ କର୍ମଚାରୀଙ୍କ ଦାବି ନେଇ ଆଲୋଚନା ହୋଇଥିଲା। ତେବେ ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ କାରଖାନା ଫାଟକ ବନ୍ଦ ରହିବ ବୋଲି ସେଠାରେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା କର୍ମଚାରୀଙ୍କ ସୂତ୍ରରୁ ଜଣାପଡିଛି। ସେହି ଅନୁସାରେ ଗାଡି ଗୁଡିକ ଛାଡିବା ପରେ ପୁଣି ଫାଟକରେ ତାଲା ପଡ଼ିଥିଲା।



କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅନ୍ୟପକ୍ଷରେ ଗତ ୧୧ ଦିନ ହେଲା କାରଖାନା ବନ୍ଦ ଥିବା ପରିପ୍ରେକ୍ଷୀରେ ପ୍ରଶାସନ ଆନ୍ଦୋଳନ ହଟାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। କଳିଙ୍ଗନଗର ଥାନା ଅଧିକାରୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁରୁବାର ପୂର୍ବାହ୍ନରେ କାରଖାନା ଫାଟକ ଖୋଲିବା ପାଇଁ ଆସୁଥିବା ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ କର୍ମଚାରୀମାନେ କାରଖାନା ମ୍ୟାଟେରିଆଲ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ମହମ୍ମଦ ଜାହେଦ, ନରେନ୍ଦ୍ର ସାମଲ, ଆଖ୍ତାର ଅହମ୍ମଦ, ଓମ ପ୍ରକାଶ ସାହୁ, ପ୍ରକାଶ ଜେନା, ଗଦାଧର ପରିଡ଼ା, ବିଶ୍ୱନାଥ ପାତ୍ର ଓ ବାବୁଲି ସାହୁ କର୍ମଚାରୀ ଆନ୍ଦୋଳନସ୍ଥଳରେ ଉପସ୍ଥିତ ରହିଛନ୍ତି।

# ଗାଇଡ୍‌ଲାଇନ ଉଲ୍ଲଂଘନ, ଲକ୍ଷେ ଟଙ୍କା ଫାଇନ

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ପଟ୍ଟାମୁଣ୍ଡାଇ, ୧୧୯(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଥାନା ତଥା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଗାଙ୍ଗପଡା ଗାଁରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୈତାରି ସେଠୀ(୬୦)। ଦୈତାରି ଜଣେ କ୍ଷୁଦ୍ର ଚାଷୀ ହୋଇଥିବା ବେଳେ ଭାଗ ଆଣି ଜମି ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଗୁରୁବାର ମଧ୍ୟାହ୍ନରେ ଦୈତାରୀ ବିଲରୁ କାମ ସାରି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ତାଙ୍କ ଗୋଡ଼ ଖସି ଯିବାରୁ ସେ ପୋଖରୀ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ଅଗ୍ନିଶମ ଗାଡି ଆସି ତାଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ସବୁଦିନ ପୋଖରୀକୁ ଗାଧୋଇବାକୁ ଯାଆନ୍ତି। ଦୁର୍ଭାଗ୍ୟ ବଶତଃ ଗୁରୁବାର ବୁଡି ଯାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ବିଜେଡି ମହିଳା ଶାଖାର ରାଜ୍ୟ ସାଧାରଣ ସମ୍ପାଦିକା ହେଲେ କନକଲତା



ପାଟକୁରା, ୧୧୯ (ଡି.ଏନ.ଏ.): ପୂର୍ବତନ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ ସଦସ୍ୟା କନକଲତା କଣ୍ଡ ବିଜେଡି ମହିଳା ଶାଖାର ରାଜ୍ୟ ସମ୍ପାଦିକା ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ କନକଲତା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗରଦପୁର ଅଞ୍ଚଳର ଛାମୁଆ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମଧ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀଦିନରେ ଦଳର ମହିଳା ଶାଖା ଅଧିକ ଶକ୍ତିଶାଳୀ ହେବ ବୋଲି ଗରଦପୁର ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ପୂର୍ବତନ ଅଧକ୍ଷ ବାସୁଦେବ ବେହେରା, ସ୍ୱର୍ଣ୍ଣପ୍ରଭା ସେଠୀ, ସମିତି ସଭ୍ୟ ରାକେଶ ମହାପାତ୍ର, ସତ୍ୟଜିତ୍ ସାହୁ, ସୁମିତ୍ରା ସାହୁ, ସରପଞ୍ଚ ଅଭୟ ମଲ୍ଲ, ପୂର୍ବତନ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ପ୍ରକାଶ ସାହୁ, ପ୍ରହ୍ଲାଦ ସାହୁ, ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ବାରିକ, ଗୌରାଙ୍ଗ ପରିଡ଼ା ପ୍ରମୁଖ କହିଛନ୍ତି।

## ଶିକ୍ଷକଙ୍କ ଅକାଳ ବିୟୋଗ

ରାଜନଗର,୧୧୯(ଡି.ଏନ.ଏ.):ରାଜନଗର ବ୍ଲକ ବାଘମାରୀସ୍ଥିତ ବିବେକାନନ୍ଦ ବିଦ୍ୟାପୀଠର ସହକାରୀ ଶିକ୍ଷକ ବ୍ରଜ କିଶୋର ରାଉତଙ୍କ ଅକାଳ ବିୟୋଗ ଘଟିଛି। ଅଗଷ୍ଟ ୨୭ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚଡେୟା ଗାଁରେ ତାଙ୍କ ଘର। ୬ ମାସ ତଳେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସେ ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହିତ ବୃକ୍ଷରୋପଣ ଓ ସାମାଜିକ କାର୍ଯ୍ୟକ୍ରମରେ ଆଗଭର ହୋଇ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ବିବେକାନନ୍ଦ ବିଦ୍ୟାପୀଠର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

---

**କେନ୍ଦ୍ରାପଡ଼ା ଅଫିସ, ୧୧୯**

କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ଏନ୍‌ପିଏ (ନନ୍ ଫର୍ମିଂ ଆସେଟ୍‌ସ) ଓ ଅଧିକ କର୍ମଚାରୀ ନିଯୁକ୍ତିକୁ ନେଇ ଚର୍ଚ୍ଚାରେ ଅଛି। ଏହି ସମୟରେ ଗାଇଡଲାଇନ ଉଲ୍ଲଂଘନ କରିଥିବାରୁ ୧ ଲକ୍ଷ ଟଙ୍କା ଆର୍‌ବିଆଇ (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ) ପକ୍ଷରୁ ଫାଇନ ଦେବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ଗତ ଜୁନ୍ ୩୦ରେ ବ୍ୟାଙ୍କ ପକ୍ଷରୁ ଡିଏ (ଡିୟରନେସ୍ ଆଲାଉନ୍‌ସ) ବୃଦ୍ଧି ପ୍ରସ୍ତାବ (ଚିଠି ନଂ.୨୩୯)କୁ ଡେପୁଟି ରେଜିଷ୍ଟ୍ରାର ଅଗଷ୍ଟ ୨୯ରେ ଏହା ଉପରେ ଆପତ୍ତି ଦର୍ଶାଇଛନ୍ତି। ଗତ ଅଗଷ୍ଟ ୨୯ରେ ଆର୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର ଯୋଗେଶ ଯାଦବ ଏକ ପ୍ରେସ୍ ରିଲିଜ ଜାରି କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଅର୍ଥନୈତିକ ସ୍ଥିତି ତନଖି ହୋଇଥିଲା। ଏଥିରେ ଆର୍‌ବିଆଇର କେତେକ



प्रेस प्रकाशनी PRESS RELEASE

भारतीय रिज़र्व बैंक
RESERVE BANK OF INDIA

वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

संचार विभाग, केंद्रीय कार्यालय, एस.बी.एस. मार्ग, फोर्ट, मुंबई - 400 001
Department of Communication, Central Office, S.B.S. Marg, Fort, Mumbai - 400 001
फोन/Phone: 022 - 2266 0502

Azadi Ka Amrit Mahotsav

August 29, 2022

**RBI imposes monetary penalty on The Kendrapara Urban Cooperative Bank, Kendrapara, Odisha**

The Reserve Bank of India (RBI) has imposed, by an order dated August 23, 2022, a monetary penalty of ₹1.00 lakh (Rupees One lakh only) on The Kendrapara Urban Cooperative Bank, Kendrapara (the bank) for contravention of/non-compliance with the directions issued by RBI on Know Your Customer (KYC). This penalty has been imposed in exercise of powers vested in RBI under the provisions of Section 47 A (1) (c) read with Section 46 (4) (i) and Section 56 of the Banking Regulation Act, 1949, taking into account the failure of the bank to adhere to the aforesaid directions issued by RBI.

This action is based on deficiencies in regulatory compliance and is not intended to pronounce upon the validity of any transaction or agreement entered into by the bank with its customers.

**Background**

The inspection report of the bank based on its financial position as on March 31, 2020, revealed, inter alia, violation/non-compliance with aforementioned directions issued by RBI to the extent the bank failed to undertake periodic review of risk categorisation of customer accounts. Based on the same, a Notice was issued to the bank advising it to show cause as to why penalty should not be imposed for non-compliance with the directions.

After considering the bank's reply and additional submissions made by it, RBI came to the conclusion that the aforementioned charge of non-compliance with RBI directions were substantiated and warranted imposition of monetary penalty.

Press Release: 2022-2023/779

(Yogesh Dayal)
Chief General Manager



OFFICE OF THE REGISTRAR OF COOPERATIVE SOCIETIES, ODISHA
BHUBANESWAR

No. XXI – 37/2011- 13328 /Bank-5/Date: 29/08/2022

To
The Chief Executive Officer,
The Kendrapara Urban Cooperative Bank Ltd., Kendrapara

Sub: Sanction of D.A doses.

Ref: Your letter no. 239 dated 30.06.2022.

Sir,

In inviting a reference to your letter on the subject cited above, it is to say that the proposal submitted by you for enhancement of Dearness Allowance in respect of the employees of Kendrapara Urban Cooperative Bank Ltd. is not complete. You have not submitted all the financial parameters and financial implication due to enhancement of Dearness Allowance.

Hence, you are requested to submit the proposal along with the information mentioned below in detail to this Directorate for further necessary action at this level.

1. Submit the proposal as per Letter No. 6167 dated 15.04.2004 of the RCS, Odisha with information of last 3 years.
2. Justification for sanction of DA @ 132% without obtaining the approval of the RCS, Odisha as against 80% sanctioned by RCS, Odisha vide Letter No. 7382 dated 20.04.2015.
3. Additional expenditure required for allowing enhanced DA (Dose wise).
4. Impact of such expenditure on Cost of Management (Dose Wise).
5. Effect of such enhancement of DA on the profitability of the Bank.

Yours faithfully,

29.08.22
Deputy Registrar
Cooperative Societies (Credit)

ଗାଇଡଲାଇନ କାର୍ଯ୍ୟକାରୀ ହୋଇନାହିଁ। ଏହି ଅନିୟମିତତା ପାଇଁ ପୂର୍ବରୁ ଫାଇନ କାହିଁକି ହେବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏ ନେଇ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ରିପୋର୍ଟର ତର୍ଜମା ପରେ ଲକ୍ଷେ ଟଙ୍କା ଫାଇନ ହୋଇଛି।

ସୂଚନାଯୋଗ୍ୟ, ଏପରି କାରଣ ପାଇଁ କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ସମେତ ଦେଶର ମୋଟ ୮ଟି ବ୍ୟାଙ୍କକୁ ଫାଇନ ହୋଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟ ଦି ବିଶାଖାପଟନମ୍ କୋ ଅପରେଟିଭ ବ୍ୟାଙ୍କ ଉପରେ ୫୫ ଲକ୍ଷ ଟଙ୍କା, ନେଲୋର ଜିଲା ଗାନ୍ଧୀନଗରସ୍ଥ ଦି ନେଲୋର କୋଅପରେଟିଭ ଅର୍ବାନ ବ୍ୟାଙ୍କ ଲିମିଟେଡ ଉପରେ ୧୦ ଲକ୍ଷ ଟଙ୍କା, କାକିନାଡାସ୍ଥ ଆନ୍ଧ୍ରପ୍ରଦେଶ ଆଣ୍ଡ କାକିନାଡା କୋ ଅପରେଟିଭ ଟାଉନ ବ୍ୟାଙ୍କ ଲିମିଟେଡ ଉପରେ ୧୦ ଲକ୍ଷ ଟଙ୍କା, ଉତ୍ତରପ୍ରଦେଶ ପ୍ରତାପଗଡସ୍ଥ ନ୍ୟାଶନାଲ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିମିଟେଡ ଉପରେ ୫ ଲକ୍ଷ ଟଙ୍କା, ତାମିଲନାଡୁ ରାଜ୍ୟ ତିରୁଚିରାପଲ୍ଲୀସ୍ଥ କୈଳାସପୁରମ୍‌ର ଭାରତ ହେଭି ଇଲେକ୍ଟ୍ରିକାଲ୍‌ସ ଏମ୍ପଲୟିଜ କୋଅପରେଟିଭ ବ୍ୟାଙ୍କ ଉପରେ ୧୦ ଲକ୍ଷ ଟଙ୍କା, କେରଳ ରାଜ୍ୟ ପଲକ୍କଡ ଜିଲା ଓଟାପାଲାମର ଓଟାପାଲମ କୋଅପରେଟିଭ ଅର୍ବାନ ବ୍ୟାଙ୍କ ଉପରେ ୫ ଲକ୍ଷ ଟଙ୍କା, ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦର ଦି ଦାରୁସାଲାମ କୋ ଅପରେଟିଭ ଅର୍ବାନ ବ୍ୟାଙ୍କ ଉପରେ ୧୦ ଲକ୍ଷ ଟଙ୍କା ଫାଇନ କରାଯାଇଛି। ସେହିପରି ଅଗଷ୍ଟ ୨୯ରେ ଡେପୁଟି ରେଜିଷ୍ଟ୍ରାର ଡିଏ ବୃଦ୍ଧି ଉପରେ ଆପତ୍ତି ଉଠାଇ ଅର୍ବାନ ବ୍ୟାଙ୍କକୁ ଏକ ଚିଠି (ଚିଠି ନଂ. ୧୩୩୨୮) କରିଛନ୍ତି। ଓଡ଼ିଶା ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟିରେ ୮୦ ପ୍ରତିଶତ ଡିଏ ପାଇଁ ବ୍ୟବସ୍ଥା ଥିବା ବେଳେ ୧୩୨ ପ୍ରତିଶତ ଡିଏ କେଉଁ ପରିସ୍ଥିତିରେ କରିବା ଓ ଅନ୍ୟ ଖର୍ଚ୍ଚ କାଗଜପତ୍ର ଦର୍ଶାଇବା ପାଇଁ ଏହି ଚିଠିରେ ଦର୍ଶାଯାଇଛି। ଏ ସମ୍ପର୍କରେ ଅର୍ବାନ ବ୍ୟାଙ୍କ ସିଇଓ ରାଜୀବ ପଣ୍ଡା କହିଛନ୍ତି, ଋଣ ଗ୍ରହୀତାଙ୍କ ତାଲିକାର କାଟେଗୋରି ରହିବାକୁ ଗାଇଡଲାଇନରେ ନିର୍ଦ୍ଦେଶ ଅଛି। ତେବେ ବ୍ୟାଙ୍କକୁ ମିଳିଥିବା ସିଷ୍ଟମରେ ଉଚ୍ଚ, ମଧ୍ୟମ ଓ ନିମ୍ନ ଋଣ ଗ୍ରହୀତାଙ୍କ ତାଲିକା ରହିବାର ବ୍ୟବସ୍ଥା ନାହିଁ। ଋଣ ଗ୍ରହୀତାଙ୍କ କାଟେଗୋରି ତାଲିକା ହାତଲେଖା ବ୍ୟବହାର ହେଉ ନ ଥିବାରୁ ଏପରି ସ୍ଥିତି ଉପୁଜିଛି।

- କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପ୍ରତି ବଢୁଛି ସମସ୍ୟା
- ଡିଏ ବୃଦ୍ଧିକୁ ନେଇ ଡେପୁଟି ରେଜିଷ୍ଟ୍ରରଙ୍କ ଚିଠି

---

# ଦୋଛକିରେ ଆଦିବାସୀ ମହିଳା ଶ୍ରମିକଙ୍କ ଜୀବନ



ଆଦିବାସୀ ମହିଳାମାନେ କାମ କରିବାକୁ ଯାଉଛନ୍ତି।

**ମହାକାଳପଡ଼ା, ୧୧୯(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ମହିଳା ଶ୍ରମିକମାନଙ୍କୁ ମିଳୁନି ପୁରୁଷ ଶ୍ରମିକମାନଙ୍କ ପରି ଉପଯୁକ୍ତ ପାରିଶ୍ରମିକ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶ୍ରମିକମାନଙ୍କୁ ନିଜ ଗାଁ ଓ ପଞ୍ଚାୟତ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତେବେ ବ୍ଲକର ପେଟଛେଲା, ବଉଳକଣି, ଖରିନାସୀ ପଞ୍ଚାୟତର ଆଦି ଆଦିବାସୀ ଅଧ୍ୟୁଷିତ ଗାଁର ମହିଳା ଶ୍ରମିକମାନଙ୍କୁ ମିଳୁନି ଜବ୍‌କାର୍ଡରେ କାମ। ବାଧ ହୋଇ ଏହି ଆଦିବାସୀ ମହିଳା ଶ୍ରମିକମାନେ ନିଜର ପରିବାର ପ୍ରତିପୋଷଣ ପାଇଁ ନିଜ ଜୀବନକୁ ବାଜି ଲଗାଇ ଅସୁରକ୍ଷିତ ଭାବେ ଡାଲା ଅଟୋରେ ଜିଲାର ବିଭିନ୍ନ ପ୍ରାନ୍ତରକୁ ଯାଇ ନିର୍ମାଣ କାମରେ ନିୟୋଜିତ ହେଉଛନ୍ତି। ଏମାନେ ଠିକାଦାରଙ୍କ ଠକାମିର ଶିକାର ହେଉଛନ୍ତି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ଆଦିବାସୀ ମହିଳା ଶ୍ରମିକମାନେ କହିଛନ୍ତି। ଭୋରୁ ଭୋରୁ କ'ଣ ମୁଠେ ଖାଇ ନିଜ ଘରୁ ଏହି ମହିଳା ଶ୍ରମିକମାନେ ବାହାରି ଯାନ୍ତି। ଗାଁ ଛକରେ ଅପେକ୍ଷା କରିଥିବା ଡାଲା ଅଟୋରେ ବସି କର୍ମ କ୍ଷେତ୍ରକୁ। କର୍ମ କ୍ଷେତ୍ରରୁ ଫେରୁ ଫେରୁ ରାତି ହୋଇଥାଏ। ଅନ୍ୟପକ୍ଷରେ କୁନି କୁନି ପିଲାମାନେ ମା'ର ଫେରିବା ବାଟକୁ ଚାହିଁ ବସିଥାନ୍ତି। ମା' ପହଞ୍ଚିଲା ପରେ ଘରେ ଚୁଲି ଜଳେ। ଦିନମାନର ଅକ୍ଲାନ୍ତ ପରିଶ୍ରମ କୁନି କୁନି ପିଲାମାନଙ୍କ ମୁହଁ ଦେଖିଲେ ପରିଶ୍ରମର ଦୁଃଖ ଲାଘବ ହୋଇଯାଏ ବୋଲି କୁହନ୍ତି ଏହି ମହିଳା ଶ୍ରମିକମାନେ। ପିଲାମାନଙ୍କ ଯତ୍ନ ନେବା ପାଇଁ ଏହି ମହିଳା ଶ୍ରମିକମାନଙ୍କ ପାଖରେ ସମୟ ନ ଥାଏ। ପିଲାମାନେ ଭୋକରେ ଆଉଟୁ ପାଉଟୁ ହେଉଥିବା ବହୁ ନଜିର ରହିଛି। ଏହି ମହିଳା ଶ୍ରମିକମାନେ ସଚେତନତାର ଅଭାବ ଯୋଗୁ ନିଜ ନାମ ସରକାରୀ ନଥିପତ୍ରରେ ପଞ୍ଜୀକରଣ ହୋଇନାହିଁ ବୋଲି କୁହାଯାଇଛି। ମହିଳା ଶ୍ରମିକମାନେ କାମ କ୍ଷେତ୍ରରେ କିଛି ଅଘଟଣ ଘଟିଲେ ସରକାରୀ ସହାୟତାରୁ ବଞ୍ଚିତ ହେବେ ପରିବାର ଲୋକ। ପ୍ରଶାସନିକ ସ୍ତରରେ ଏହି ମହିଳା ଶ୍ରମିକମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ଏମାନଙ୍କୁ ପ୍ରାଥମିକ ସ୍ତରରେ ପଞ୍ଜୀକୃତ ଶ୍ରମିକ ଭାବେ ନାମ ପଞ୍ଜୀକରଣ କରାଯାଉ ବୋଲି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି।

- ଗାଁରେ ମିଳୁନି ଜବ୍‌କାର୍ଡରେ କାମ
- ପୁରୁଷ ଶ୍ରମିକଙ୍କ ଭଳି ଏହି ଶ୍ରମିକଙ୍କୁ ମିଳୁନି ପାରିଶ୍ରମିକ ମୂଲ୍ୟ
- ଠିକାଦାରଙ୍କ ଶୋଷଣର ଶିକାର ହେଉଛନ୍ତି ମହିଳା ଶ୍ରମିକ

---

## ବ୍ୟବସାୟୀଙ୍କଠାରୁ ଲୁଟ୍, ୬ ଗିରଫ

**୧ ଲକ୍ଷ ଟଙ୍କା, ୩ ମାଉଜର ଜବତ**

**ରାସଗୋବିନ୍ଦପୁର,୧୧୯(ଡି.ଏନ.ଏ.)**

ପଶ୍ଚିମବଙ୍ଗ ଛେଳି ବ୍ୟବସାୟୀଙ୍କଠାରୁ ଲୁଟ ଅଭିଯୋଗରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧ ଲକ୍ଷ ଟଙ୍କା, ୩ଟି ମାଉଜର, ଛୁରି, ମୋବାଇଲ, କଇଁଚି , କଟର ଓ ହାତୁଡ଼ି ଆଦି ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ବ୍ୟବସାୟୀମାନେ ବରଗଡ଼ରେ ଛେଳି ବିକ୍ରି କରି ବୁଧବାର ୪ଟି ପିକ୍‌ଅପ୍ ଭ୍ୟାନ ଯୋଗେ ଫେରୁଥିଲେ। ୩ଟି ଗାଡ଼ି ପଳାଇଥିଲା ବେଳେ ଗୋଟିଏ ପିକ୍‌ଅପ୍ ଭ୍ୟାନ ପଛେଇଯାଇଥିଲା। ଭୁବନେଶ୍ୱରରୁ ଏକ କାର୍‌ରେ ଅଭିଯୁକ୍ତମାନେ ଉକ୍ତ ବ୍ୟବସାୟୀଙ୍କ ପିଛା କରି ଆସିଥିଲେ। ରାସଗୋବିନ୍ଦପୁର ଥାନାଠାରୁ ୪କି.ମି. ଦୂର ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌ଠାରେ ସେମାନେ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇବା ସହ ଛେଳି ବ୍ୟବସାୟୀଙ୍କୁ ମାଉଜର ଦେଖାଇ ଟଙ୍କା ଛଡ଼ାଇ ନେଇଥିଲେ। ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ଏ ସଂକ୍ରାନ୍ତରେ ରାସଗୋବିନ୍ଦପୁର ଥାନାକୁ ଫୋନ ଯୋଗେ ଜଣାଇବାରୁ ପାଟ୍ରୋଲିଂ କରୁଥିବା ସେକେଣ୍ଡ ଅଫିସର ଜୟନ୍ତ କୁମାର ସେଠୀ ଓ ଅନ୍ୟ କର୍ମଚାରୀ ଅଭିଯୁକ୍ତଙ୍କ କାରକୁ ପିଛା କରିଥିଲେ। ପରେ ବାଲେଶ୍ୱର ଜିଲା ଅମର୍ଦ୍ଦାରୋଡ୍ ଫାଣ୍ଡିକୁ ସୂଚନା ଦେବାରୁ ଫାଣ୍ଡି ଅଧିକାରୀ ବିକାଶ ସେଠୀ ସଦଳବଳ ସେମାନଙ୍କୁ କାବୁ କରିଥିଲେ। ଏହି ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ଭୁବନେଶ୍ୱର ବାଲିଅନ୍ତା ଥାନା ଅଞ୍ଚଳର ସାଗର ଭୋଇ ହୋଇଥିବା ବେଳେ ଅନ୍ୟ ୫ଜଣ ପହାଲ ଥାନା ଅଞ୍ଚଳର ବୋଲି ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସ ସୂଚନା ଦେଇଛନ୍ତି।

---

# ତଥ୍ୟ ସୂଚନା ମାଗିବାରୁ ହତ୍ୟା ଧମକ




ଧାରଣା ଦେଇଥିବା ଜନକର ଜେନାଙ୍କ ସହ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୧୧୯**

ପଞ୍ଚାୟତ ଉନ୍ନୟନ ଖର୍ଚ୍ଚର ତଥ୍ୟ ମାଗିବାରୁ ମାର୍ଶାଘାଇ ଥାନା କରଞ୍ଜି ଗାଁର ଦଳିତ ବର୍ଗର ସୂଚନା ଅଧିକାର କର୍ମୀ ଜନକର ଜେନାଙ୍କୁ ହତ୍ୟା ଧମକ ଦିଆଯିବା ସହ ମାଡ ମରାଯାଇଛି। ଏ ନେଇ ଥାନାରେ ଅଭିଯୋଗପତ୍ର ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ସ୍ଥିତିକୁ ଲକ୍ଷ୍ୟ କରି ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରଠାରୁ ଧାରଣା ଦେଇଥିବା ବେଳେ ଗୁରୁବାର ଏ ସମ୍ପର୍କରେ ଜାତୀୟ ମାନାବାଧିକାର କମିଶନଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜେନା କହିଛନ୍ତି, କରଞ୍ଜି ପଞ୍ଚାୟତର ଶିକ୍ଷା ପାଣ୍ଠି ହଡପ ହେଉଥିବା ସନ୍ଦେହରେ ମେ ୨୨ରେ ବିଇଓଙ୍କୁ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲି। ଏହି ଘଟଣା କୌଣସି ପ୍ରକାର ଜଣାପଡିବା ପରେ ଅଞ୍ଚଳର ଜଣେ ଜିଲା ପରିଷଦ ସଦସ୍ୟ ଉତ୍‌କ୍ଷିପ୍ତ ହୋଇ ପଡିଥିଲେ। ବାରମ୍ବାର ତଥ୍ୟ ଆବେଦନପତ୍ର ଫେରାଇ ନେବାକୁ କହିଥିଲେ। ଏଥିରେ ରାଜି ନ ହେବାରୁ ଅଗଷ୍ଟ ୧୭ରେ ବଜାରକୁ ଯାଉଥିବା ବେଳେ ମାଡ ମାରିଥିଲେ। ଏଥିସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ଥାନାରେ ମାମଲା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସାଇକେଲ ଦୋକାନରେ ରିପାରିଂ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବାରମ୍ବାର ଧମକ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଛି। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡାଯାଇଛି। ଏହି ଧାରଣାସ୍ଥଳରେ ଓସାର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ମାନସ ରଞ୍ଜନ ଆଚାର୍ଯ୍ୟ, ଭାଗୀରଥି ଜେନା, ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଛନ୍ତି।

- ହତ୍ୟାକାରୀ ଖୋଲାରେ ବୁଲୁଛନ୍ତି: ଭାଜପା
- ସାରଦାଙ୍କ ନାଁରେ ବହୁ ଆପରାଧିକ ମାମଲା ରହିଛି: ବିଜେଡି

---

## ଘର ଭାଙ୍ଗି ଫସଲ ନଷ୍ଟକଲେ ହାତୀ



**ପାଟଣା,୧୧୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ୨୨ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଏହି ହାତୀପଲ ସାହାରପଡା ସେକ୍ସନ ଗୋରାଣ୍ଡି ଯୋଡ଼ି ବିଟ୍ ଅନ୍ତର୍ଗତ ଖୁଣ୍ଟିବେଡା, ଦାସପଡ଼ା ଓ ଟଭାସରୁଆରେ ବୁଧବାର ରାତିରେ ଧାନ, ବୋଇତାଳୁ ଓ ମକା ଚାଷ ନଷ୍ଟ କରିଛନ୍ତି। ଏଥିସହ ବୁଧବାର ରାତିରେ ଏହି ହାତୀପଲ ବଡ଼ବିଲ ପଞ୍ଚାୟତ ଖୁଣ୍ଟିବେଡା ଗ୍ରାମର ଦୁଃଖିଆ ନାଏକଙ୍କ ୫ ବଖରା ଟାଇଲ ଘର, ସୁନେଇ ନାଏକଙ୍କ ୨ ବଖରା ଓ ଦୁଲାଲ ମହାରଣାଙ୍କ ବଖରାଏ ଘରକୁ ହାତୀପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ଏବେ ଜଗନ୍ନାଥପୁର କାଜୁ ବଗିଚାରେ ଡେରା ପକାଇଛନ୍ତି। ଘରଭାଙ୍ଗିଥିବା ପ୍ରଭାବିତ ଲୋକଙ୍କ ନିକଟରେ ଗୁରୁବାର ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, ୨୯ ନମ୍ବର ଜୋନ ଜିଲାପରିଷଦର ଜିଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ଼ , ରେଞ୍ଜର ଘାସିନାଥ ପାତ୍ର, ସାହାରପଡା ବନପାଳ ମୋହିନୀ ମହାନ୍ତ ପ୍ରମୁଖ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀପଲଙ୍କ ଗତିପଥ ଉପରେ ନଜର ରଖାଯାଇଛି।

---

# ଚାଷଜମିରୁ ନିଷ୍କାସନ ହୋଇପାରୁନି ବନ୍ୟାଜଳ

**ଆଳି, ୧୧୯(ଡି.ଏନ.ଏ.)**

ଚଳିତ ଥର ବନ୍ୟାରେ କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀନଦୀରେ ଜଳସ୍ତର ବୃଦ୍ଧି ପାଇ ମୁଖ୍ୟ ରାସ୍ତା ବୁଡ଼ିଯିବା ସହ ହଜାର ହଜାର ହେକ୍ଟର ଚାଷଜମି ବୁଡାଇ ଦେଇଥିଲା। ସପ୍ତାହେ ହେବ ବନ୍ୟା କମିଯାଇଛି। କିନ୍ତୁ ବିଭିନ୍ନ ସ୍ଥାନରେ ଥିବା ଚାଷଜମିକୁ ବନ୍ୟା ଜଳ ବୁଡାଇ ରଖିଛି। ଚଳିତଥର କାଣୀ ନଦୀରେ ବନ୍ୟା ଆସିବା ଦ୍ୱାରା ଆଳି ଧୋୟାଞ୍ଚଳର ଡିମ୍ବିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, କେତୁଆପାଳ, ଦେସାହି, ପାଳିମୀ, ଏରଡଙ୍ଗ, ପେଟପଡା ଓ ସଂସିଧା ଆଦି ୧୦ ପଞ୍ଚାୟତର ହେକ୍ଟର ହେକ୍ଟର ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ବନ୍ୟା ଜଳ କମିଥିବା ବେଳେ କେତୁଆପାଳ, ଏରଡ଼ଙ୍ଗ, ଦେସାହି ଓ ପାଳିମୀ ପଞ୍ଚାୟତରେ ଥିବା ଚାଷ ଜମିରେ ଏବେବି ୧ ଫୁଟ ଲେଖାଏ ପାଣି ଜମି ରହିଛି। ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି, ପାନପେଣ୍ଠଠାରୁ ଏରଡଙ୍ଗ ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। କାରଣ ଏହି ବାଟ ଦେଇ ଆଳି ବ୍ଲକର କେତୁଆପାଳ, ଦେସାହି, ଏରଡ଼ଙ୍ଗ ଓ ପାଳିମୀ ପଞ୍ଚାୟତ ସମେତ ଯାଜପୁର ଜିଲାର ମଧୁସୂଦନପୁର, ବୋଇତାଳୁପାଟଣା, କଣ୍ଟିପୁର ଆଦି ପଞ୍ଚାୟତର ପାଣି ଯାଇଥାଏ। ତେଣୁ ଏହି ରାସ୍ତା ନିର୍ମାଣ ସମୟରେ ୨୦୧୭ରେ ଦେସାହି ସମବାୟ ସମିତିର ପୂର୍ବତନ ସଭାପତି ସରୋଜ ଜେନା ଓ କେତୁଆପାଳରେ ପୂର୍ବତନ ସରପଞ୍ଚ ରଶ୍ମିତା ଜେନା ତତ୍କାଳୀନ ଜିଲାପାଳ ରେଘୁ ଜୀଙ୍କ ନିକଟରେ ଜଳ ନିଷ୍କାସନକୁ ନେଇ ଅଭିଯୋଗ କରିଥିଲେ। ଜିଲାପାଳ ରେଘୁ ଜୀ ଘଟଣାସ୍ଥଳ ପରିଦର୍ଶନ କରି ଜଳ ନିଷ୍କାସନ ନିମନ୍ତେ ଦୁଇଟି କଲଭର୍ଟ ନିର୍ମାଣ କରିବାକୁ ବିଭାଗକୁ ଜଣାଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ଓ ରାସ୍ତା ନିର୍ମାଣ କରୁଥିବା ଠିକାଦାର ଏହାକୁ ଅମାନ୍ୟ କରି ଚାଷଜମିରୁ ୩ ଫୁଟ ଉଚ୍ଚାରେ ରାସ୍ତା ନିର୍ମାଣ କରିଥିଲେ। ଫଳରେ ଚାଷଜମିରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଜମି ରହିଛି। ତେଣୁ ତୁରନ୍ତ ଏହି ସମସ୍ୟା ସମାଧାନର ଆବଶ୍ୟକତା ଦେଖାଦେଇଛି। ତୁରନ୍ତ ଏହା କରା ନ ଗଲେ ଚାଷୀମାନେ ସେମାନଙ୍କ ବର୍ଷକର ଦାନା ହରାଇବେ। ଚାଷୀମାନଙ୍କ ଜୀବନ ଜୀବିକା ସହ ସମ୍ପୃକ୍ତ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଅଞ୍ଚଳର ଚାଷୀ ଗଜେନ୍ଦ୍ର ଜେନା, ମାଧବାନନ୍ଦ ମଲିକ, ସୁରେନ୍ଦ୍ର ସାମଲ, ମହେନ୍ଦ୍ର ଦାସ, କଳ୍ପତରୁ ଦାସ, ଜୟଦେବ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବନ୍ୟା ଛାଡିବା ପରେ ଏବେବି ଚାଷ ଜମିରେ ପାଣି ଜମି ରହିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବତୀ ମୃତ

ରଘୁନାଥପୁର,୧୧୯(ଡି.ଏନ୍.ଏ.): ପୋଖରୀରେ ବୁଡ଼ି ରଘୁନାଥପୁର ଥାନା ରେଢୁଆ ମଜୁରାଇ ଗ୍ରାମର ସରୋଜ ମଲ୍ଲିକଙ୍କ ଝିଅ ସ୍ମୃତିରେଖା(୨୧)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ଘର ବାଡ଼ିପଟେ ଥିବା ପୋଖରୀରେ ପୋଷାକ ସଫା କରୁଥିବା ବେଳେ ଅସାବଧାନତାବଶତଃ ପାଣିରେ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ପୋଖରୀରୁ ଉଦ୍ଧାର କରି ନିକଟସ୍ଥ ରେଢୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ମୃତିରେଖାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଏ ସମ୍ପର୍କରେ ଥାନାରେ ଜଣାଇବା ପରେ ରଘୁନାଥପୁର ପୋଲିସ ପହଞ୍ଚି ଅପମୃତ୍ୟୁ ମାମଲା (ନଂ. ୭/୨୨)ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁରକୁ ପଠାଯାଇଥିବା ଆଇଆଇସି ରାଜକିଶୋର ବେହେରା କହିଛନ୍ତି।

### ପଞ୍ଚସଖାଙ୍କ ମହତ୍ତ୍ୱ ପ୍ରଚାର ପାଇଁ ଦାବି

ପାରାଦୀପ,୧୧୯(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଧାନକୁଦ ପିଠରେ ହୋଇଥିବା ସାଧୁ ସନ୍ଥ ସମ୍ମିଳନୀରେ ପାରାଦୀପର ଯୋଗଗୁରୁ ତାପସ ରଞ୍ଜନ ପତି ଯୋଗ ଦେଇଥିଲେ। ସେଠାରେ ସେ ସମସ୍ତ ସାଧୁସନ୍ଥ ଓ ଅନ୍ୟମାନଙ୍କୁ ଓଡ଼ିଶାର ପଞ୍ଚସଖାଙ୍କ ବାଣୀ ପ୍ରଚାର ପ୍ରସାର ପାଇଁ ଦାବି କରିଥିଲେ। ଏହାକୁ ସମ୍ମିଳନୀରେ ଅନେକ ସାଧୁ ଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଧାନକୁଦ ପିଠର ପିଠାଧୀଶ ପ୍ରେମସାଗର ବାବାଙ୍କ ତତ୍ତ୍ୱାବଧନରେ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରବିଶଙ୍କରଙ୍କ ଦ୍ୱାରା ପ୍ରଶିକ୍ଷିତ ଯୋଗଗୁରୁ ପତି ଯୋଗ ଦେଇଥିଲେ।

### ନଦୀବନ୍ଧରୁ ନବଜାତ ଶିଶୁର ମୃତଦେହ ଠାବ

ନିଶ୍ଚିନ୍ତକୋଇଲି,୧୧୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ପଞ୍ଚାୟତ ଅନ୍ତର୍ଗତ ଲେଣ୍ଡୁରା ଭଗବାନପୁରସ୍ଥିତ ଚିତ୍ରୋପ୍ତଳା ନଦୀବନ୍ଧର ଦକ୍ଷିଣ ପାର୍ଶ୍ୱରୁ ଏକ ନବଜାତ ଶିଶୁର ମୃତଦେହ ଗୁରୁବାର ଠାବ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଉକ୍ତ ଶିଶୁର ପେଟରେ ନାଡ଼ ଲାଗିଥିବାବେଳେ ଦେହର ବହୁଅଂଶ ଖଣ୍ଡିଆଖାବରା ହୋଇଯାଇଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ଗୋବରୀ ନଦୀ

- ଗୋବରୀକୁ ବ୍ରାହ୍ମଣୀ ନଦୀ ସହ ସଂଯୋଗ ହେଲେ ବନ୍ୟା ନିୟନ୍ତ୍ରଣ ହେବ
- ନୌବାଣିଜ୍ୟ ପାଇଁ ଉଦ୍ଦିଷ୍ଟ ହୁଅନ୍ତା
- ବନ୍ଧର ଉଭୟପାର୍ଶ୍ୱକୁ ବିକଶିତ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରନ୍ତା

ପଟ୍ଟାମୁଣ୍ଡାଇ,୧୧୯(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଦେଇ ପ୍ରବାହିତ ହେଉଥିବା ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡିଛି। ଏହି ନଦୀ ୬୦ ଦଶନ୍ଧି ପୂର୍ବରୁ ଚିରସ୍ରୋତା ବ୍ରାହ୍ମଣୀ ନଦୀରୁ ବାହାରି ପ୍ରାୟ ୩୦ କିମି ଅତିକ୍ରମ କଲା ପରେ ବଙ୍ଗୋପସାଗରରେ ମିଶିଛି। ଏହି ନଦୀ ଚିରସ୍ରୋତା ସହ ନୌଚଳାଚଳ ପରିବହନ ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ୧୮୬୦ ମସିହାରେ କଟକ-ଚାନ୍ଦବାଲି ରାସ୍ତା ତିଆରି ହେବା ସମୟରେ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ ଗୋବରୀ ନଦୀର ସଂଯୋଗ ପଥକୁ ବନ୍ଦ କରି ଦିଆଯାଇଥିଲା। ଏହା ବ୍ରାହ୍ମଣୀ ବନ୍ୟା ନିରୋଧକ ଦଶହଜାରି ବନ୍ଧ ଭାବେ ନାମିତ ରହିଛି। ତେବେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୧୬ କିମି ବ୍ୟାପୀ ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡିଥିବାରୁ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଫଳରେ ଗୋବରୀ ନଦୀ ଉପରେ ନିର୍ଭର କରୁଥିବା ଉଭୟପାର୍ଶ୍ୱର ହଜାର ହଜାର ଏକର ଉର୍ବର ଚାଷଜମି ପାଣି ବିନା ପଡିଆ ପଡୁଛି। ଏଥିଯୋଗୁ ଲୋକମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ହୋଇପାରୁନାହିଁ। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ସଚେତନତା ଅଭାବ ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ନ ଥିବାରୁ ଗୋବରୀ ନଦୀ ଆଜି ନିଜର ପରିଚୟ ହରାଇଛି। କେନ୍ଦ୍ରାପଡା ଡ୍ରେନେଜ ବିଭାଗ ଦୁଇ ଦୁଇ ଥର ନଦୀ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡି ମଧ୍ୟ ବିଫଳ ହୋଇଛି।



ଗୋବରୀ ନଦୀକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି।

ପଟ୍ଟାମୁଣ୍ଡାଇର ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳପଥ ଭାବେ କେନ୍ଦ୍ରାପଡ଼ା ଜିଲା ପରିଚିତି ଲାଭ କରିଛି। ୭ ନଦୀ ଓ ୨୭ ନାଳରେ ଜଳ ପ୍ରବାହିତ ହେଉଛି। ଧାନ ସହ ମାଛ ଚାଷ ଜିଲାର ଅର୍ଥନୀତିକୁ ପ୍ରଭାବିତ କରୁଛି। ଜଳପଥଗୁଡ଼ିକର ସର୍ବେକ୍ଷଣ କରିବା ଲାଗି ୨୦୦୮ରେ ଯେଉଁ ଜାତୀୟ ଜଳପଥ ଯୋଜନା - ୫ (ଫେଜ୍ ୧, ଫେଜ୍ ୨ ଓ ଫେଜ୍ ୩) ଘୋଷଣା କରାଯାଇଥିଲା। ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଜାତୀୟ ଜଳପଥ ଯୋଜନା ଅନୁଯାୟୀ ବ୍ରାହ୍ମଣୀ ନଦୀକୁ ଗୋବରୀ ସହ ସଂଯୋଗ କରାଯାଇ ପାରାଦୀପ ଯାଏ ସିଧାସଳଖ ନୌବାଣିଜ୍ୟ ହୋଇପାରିବ ବୋଲି ପଟ୍ଟାମୁଣ୍ଡାଇର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ ମଧ୍ୟ ୨୦୨୧ ଫେବୃୟାରୀ ୧୪ରେ ଦାଏର ହୋଇଥିଲା। ନାଲସା କର୍ତ୍ତୃପକ୍ଷ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ସମ୍ପାଦକ ତଥା ବିଚାରପତି କେସ ନଂ. ୧୦/୨୦୨୧ ରେ ଏକ ମାମଲା ଦାଏର କରି ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ।

ସାମାଜିକ କର୍ମୀ ମିଟୁ ଜେନା କୁହନ୍ତି, କଥାରେ ଅଛି 'ନଦୀ ଖାଏ କୂଳ' କିନ୍ତୁ ପଟ୍ଟାମୁଣ୍ଡାଇରେ 'କୂଳ ଖାଉଛି ଗୋବରୀ ନଦୀକୁ'। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବହୁ ମୂଲ୍ୟବାନ ପୋତା ଗୋବରୀ ନଦୀ ଓ ପଠା ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ହାତେଇ ନେଇଛନ୍ତି। ଫଳରେ ପଟ୍ଟାମୁଣ୍ଡାଇରେ ପ୍ରବାହିତ ୧୬ କିମି ବ୍ୟାପୀ ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡୁଛି। ବିଶେଷକରି ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡା ବହୁ ମୂଲ୍ୟବାନ ସରକାରୀ ଜମି ଓ ଡିଷ୍ଟବୋର୍ଡ ଜାଗା ହଡପ କରାଯାଇଛି। ପୋତାନଈ କିସମ ଜଳାଶୟ ଥିବାବେଳେ ଏହା କିପରି ପୋତା ଯାଇ ପକ୍କା ଘର ନିର୍ମାଣ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାଜିକ କର୍ମୀ ସଞ୍ଜୟ ପଣ୍ଡା କହିଛନ୍ତି, ଯଦି ବ୍ରାହ୍ମଣୀ ନଦୀ ସହ ଗୋବରୀ ନଦୀ ସଂଯୋଗ କରାଯାଏ ବନ୍ୟା ସମୟରେ ଅଞ୍ଚଳର ଉଦ୍‌ବୃତ୍ତ ଜଳକୁ ସିଧାସଳଖ ସମୁଦ୍ରରେ ନିଷ୍କାସନ କରାଯାଇପାରିବ। ପ୍ରତିବର୍ଷ ବ୍ରାହ୍ମଣୀ ଓ କାଣୀରେ ବନ୍ୟା ଆସି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବ୍ୟାପକ କ୍ଷତି ଘଟାଉଛି। ଚଳିତ ବନ୍ୟାରେ ୨ ଜଣ ଯୁବକଙ୍କ ଜୀବନ ଯିବା ସହ ଜୀବିକା ଉଜୁଡି ଯାଉଛି। ଏବେ ସମୟ ଆସିଛି ଏହି ଗୋବରୀ ନଦୀକୁ ଚିରସ୍ରୋତା ବ୍ରାହ୍ମଣୀ ସହ ସଂଯୋଗକୁ କାର୍ଯ୍ୟକାରୀ କରାଗଲେ ବନ୍ୟା ନିୟନ୍ତ୍ରଣରେ ସହାୟକ ହେବ। ପର୍ଯ୍ୟଟନସ୍ଥଳ ଭୂସ୍ୱର୍ଗ ଇଟାଲୀର ଭାସମାନ ସହର ଭଳି ଏହାର ଦୁଇ ପାର୍ଶ୍ୱବନ୍ଧ ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ ଓ ମନୋରମ କରିବାକୁ ହେବ। ପୋତି ହୋଇପଡିଥିବା ଗୋବରୀ ନଦୀ ମଧ୍ୟସ୍ଥଳ ଇଟାଲୀର ରୋମ ସହର ଭଳି ଭାସମାନ ବଜାର ସୃଷ୍ଟି ହୋଇପାରିବ। ନଦୀର ଦୁଇପାର୍ଶ୍ୱ ପୌର ପରିଷଦ ପକ୍ଷରୁ ବିଭିନ୍ନ ଦୋକାନ ଓ ଭାସମାନ ବଜାର ଗଢା ଯାଇପାରିବ। ଏହା ଜାତୀୟ ଉଦ୍ୟାନ ଭିତରକନିକା ମାର୍ଗରେ ଥିବାରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ନୌକାବିହାରର ମଜା ମଧ୍ୟ ପର୍ଯ୍ୟଟକମାନେ ନେଇପାରିବେ। ଏହି ମନୋରମ ପରିବେଶକୁ ପର୍ଯ୍ୟଟକମାନେ ବାରମ୍ବାର ଆସିବାକୁ ଇଚ୍ଛା କରିବେ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ଲୋକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ସୃଷ୍ଟି ହେବ।

# ୧୭ ଦିନ ପରେ ପୋଲିସ ହାତ ଖାଲି

### ନୂଆଗଡ଼ ପଞ୍ଚାୟତରୁ ୯୦ ହଜାର ଟଙ୍କା ଚୋରି ଘଟଣା

ପାରାଦୀପ,୧୧୯(ସ୍ୱ.ପ୍ର.) ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତ କାର୍ଯ୍ୟାଳୟରୁ ଅଗଷ୍ଟ ୧୫ରେ ୯୦ ହଜାର ଭତ୍ତା ଟଙ୍କା ଚୋରି ହୋଇଥିଲା। ଉକ୍ତ ଘଟଣାକୁ ୧୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଉକ୍ତ ଟଙ୍କାକୁ ଜବତ କରିପାରି ନ ଥିବା ବେଳେ ଅଭିଯୁକ୍ତଙ୍କୁ ଧରି ପାରିନାହିଁ। ପୋଲିସ ଉକ୍ତ ଘଟଣାକୁ ମିଛ କହୁଥିଲା ବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ ବୋଲି କହୁଛନ୍ତି। ଏମିତି ଅବସ୍ଥାରେ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀ ଅଗଷ୍ଟ ମାସର ଟଙ୍କା ପାଇନାହାନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଟଙ୍କା ବଣ୍ଟନ କରାଯାଇଥିଲା। ସେଦିନ ଛୁଟି ଓ ବର୍ଷା ଲାଗି ରହିଥିବାରୁ ୯୦ ହଜାର ଟଙ୍କା ବଳକା ରହି ଯାଇଥିଲା। ଉକ୍ତ ଟଙ୍କାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସ ଆଲମିରା ଭିତରେ ରଖି ତାଲା ପକାଇ ଘରକୁ ପଳାଇ ଆସିଥିଲେ। ୧୬ ତାରିଖ ସକାଳୁ ଅଫିସ ଝରକା ଭଙ୍ଗା ଯାଇଥିବା ବେଳେ ଆଲମିରା ତାଲାକୁ ତାଡି ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ. ୨୪୬/୨୨ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏପରିକି ୧୬ ତାରିଖରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ଆଣି ଯାଞ୍ଚ କରାଯାଇଥିଲା। କେବଳ ଟଙ୍କା ବ୍ୟତିରେକ ଅନ୍ୟ ସବୁ ଅଫିସ କାଗଜପତ୍ର, କମ୍ପ୍ୟୁଟର ଆସବାବପତ୍ର ଆଦି ବିକ୍ଷିପ୍ତ ଭାବେ ପଡିଥିଲେ ହେଁ ଚୋରି ହୋଇ ନ ଥିଲା। ଏତିକିରେ ତଦନ୍ତ ରହିଛି। ଚୋରି ପ୍ରସଙ୍ଗରେ ଆଇଆଇସି ସବ୍ୟସାଚୀ ରାଉତଙ୍କୁ ପଚାରିବାରେ ଏ ପର୍ଯ୍ୟନ୍ତ ଯେତିକି ତଦନ୍ତ ହୋଇଛି ତାହା ମିଛ ଅଭିଯୋଗ ବୋଲି ସ୍ପଷ୍ଟ ହେଲାଣି। ପରୋକ୍ଷରେ ସେ ପଞ୍ଚାୟତ ଅଫିସ କର୍ମଚାରୀଙ୍କ ଉପରେ ଅଭିଯୋଗ କରିଥିଲେ। ଟଙ୍କା ହଡପ କରି ମିଛ ଅଭିଯୋଗ ବୋଲି ସେ କହିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାସ କୁହନ୍ତି, ଆମେ ୧୨ ତାରିଖରୁ ଟଙ୍କା ଆଣି ରଖିଥିଲୁ। ଅଧାରୁ ଅଧିକ ଟଙ୍କା ବଣ୍ଟା ସରିଥିଲା। ଯଦି ଚୋରି କରିଥାନ୍ତୁ ତ ସବୁ ଟଙ୍କା ନେଇ ଥାନ୍ତୁ। ୩୦ ବର୍ଷ ଚାକିରି ଭିତରେ ଏମିତି ଘଟଣା ପ୍ରଥମ। ପୋଲିସ ଉପଯୁକ୍ତ ତଦନ୍ତ କରି ସତ୍ୟାସତ୍ୟ ବାହାର କଲେ ଖୁସି ହେବୁ। କିନ୍ତୁ ପୋଲିସ ତାହା ନ କରି ଆମକୁ ହତାସ କରୁଛି ବୋଲି ବୋଲି ସେ କହିଛନ୍ତି।



ଗାଡ଼ି ପରିବହନ, ରାଜ୍ୟ ସୀମା ଗେଟ୍ ଦେୟ ଓ ଟୋଲ ଗେଟ୍ ଖର୍ଚ୍ଚରୁ ବର୍ତ୍ତିବା ପାଇଁ କଲିକତାରୁ ପାରାଦୀପ ଆସୁଥିବା ଏକ ଘରୋଇ ବସ୍ ଡିକିରେ ଛେଳି ଅଣାଯାଇଛି। ଛେଳିଗୁଡ଼ିକୁ ବ୍ୟବସାୟୀମାନେ ପାରାଦୀପ ବସ୍‌ଷ୍ଟାଣ୍ଡରେ ଗୁରୁବାର ବସ୍‌ରୁ ବାହାର କରୁଛନ୍ତି।



ବିରିଡି ବ୍ଲକ ଅନ୍ତର୍ଗତ ଗୋପାଳଜୀ ପୂଜା କମିଟି ପକ୍ଷରୁ ବନ୍ଧିଲୋଠାରେ ଆୟୋଜିତ ଗଣେଶ ପୂଜା।

# ଧାନକୁଦ ପୀଠରେ ପ୍ରସାଦ ପରିବର୍ତ୍ତନ



ବୈଠକରେ ଯୋଗଦେଇଥିବା ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ।

ବିରିଡି,୧୧୯(ଡି.ଏନ.ଏ) ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ହାଜିପୁରସ୍ଥିତ ପଞ୍ଚସଖା ଧାନକୁଦ ପୀଠସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଗୁରୁବାରଠାରୁ ପ୍ରସାଦ ପରିବର୍ତ୍ତନ ହୋଇଛି। ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଏଭଳି ପରିବର୍ତ୍ତନ କରାଯିବା ସହ ପ୍ରସାଦ ପ୍ରସ୍ତୁତ କରୁଥିବା ବ୍ୟକ୍ତି ମଧ୍ୟ ବଦଳାଯାଇଛି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗୁରୁବାର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ଆହୁରି ଭଲ ପ୍ରସାଦ ପ୍ରସ୍ତୁତ କରାଯିବ ବୋଲି ପରିଚାଳନା କମିଟି ସମ୍ପାଦକ ବିଭୁଦତ୍ତ ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବାବା ଅରକ୍ଷିତ ଦାସ, ପାଟରାଜା ପ୍ରଭାତ କୁମାର ନନ୍ଦୀ, ବିଦ୍ୟାପତି ବିଷ୍ଣୁଚରଣ ମିଶ୍ର, ସୁରେଶ ବେହେରା, ଅଶୋକ ଜେନା, ସନ୍ତୋଷ ମହାନ୍ତି, ବିଷ୍ଣୁ କର, ସୁବ୍ରତ ବେଉରା, ପଦ୍ମଲାଭ ଦାସ, ଲକ୍ଷ୍ମୀଧର ଦାସ, ପରେଶ ନନ୍ଦୀ, ଅଜୟ କୁମାର କର, ବାସୁଦେବ ବାହାଲିଆ ପ୍ରମୁଖ ଯୋଗଦେଇଥିଲେ।

# ୧୧ ଦଫା ଦାବି ପୂରଣ ଉପରେ ଗୁରୁତ୍ୱ

### ଡ୍ରାଇଭର ଦିବସ ପାଳିତ

ବିରିଡି, ୧୧୯ (ଡି.ଏନ.ଏ) ଓଡିଶା ଡ୍ରାଇଭର ମହାସଂଘ ବିରିଡି ଶାଖା ପକ୍ଷରୁ ଗୁରୁବାର ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଡ୍ରାଇଭର ସଂଘ ବିରିଡି ଶାଖା ସଭାପତି ବିଶ୍ୱଜିତ ଭୋଇଙ୍କ ନେତୃତ୍ୱରେ ଦୋଗଛିଆ ଛକରୁ ଧାନକୁଦ ପୀଠ ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସଂଘର ଉପସଭାପତି ଅରବିନ୍ଦ ବେହେରା, ସହ ସମ୍ପାଦକ ଜୈନୁର୍ ଆବେଦିନ୍ ପ୍ରମୁଖ ସାମିଲ ହୋଇଥିଲେ। ପୀଠରେ ଆୟୋଜିତ ସଭାରେ ସଂଘ ପକ୍ଷରୁ ୧୧ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ସରକାରୀ ସ୍ତରରେ ଡ୍ରାଇଭରମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା, ଡ୍ରାଇଭରମାନଙ୍କୁ ପେନ୍‌ସନ, ରାସ୍ତାରେ ପୋଲିସମାନଙ୍କ ସହାୟତା ପ୍ରଦାନ, ୧୦୦ କିମି. ଭିତରେ ବିଶ୍ରାମାଗାର, ଡ୍ରାଇଭରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା, ଡ୍ରାଇଭରଙ୍କ ପିଲାମାନଙ୍କୁ ପାଠ ପଢାରେ ସହାୟତା ଯୋଗାଇ ଦେବା ଓ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ ଆଦି ଦାବି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ବେହେରା, ସୁବ୍ରତ ଭୋଇ, ଲିଙ୍ଗରାଜ ଦାଶ, ରାକେଶ ଭୋଇଙ୍କ ସମେତ ସଂଘର ସମସ୍ତ କର୍ମଚାରୀ ସହାୟତା କରିଥିଲେ।




ଓଡ଼ିଶା ଡ୍ରାଇଭର ସଂଘର ବିରିଡି ଶାଖା ସଦସ୍ୟମାନେ ଡ୍ରାଇଭର ଦିବସ ପାଳନ କରୁଛନ୍ତି।

# ଜୀବନର ଲକ୍ଷ୍ୟ ବହୁମୁଖୀ ହେବା ଆବଶ୍ୟକ

### ଗୋରେଖନାଥ କୃଷକ ମହାସଂଘର ପ୍ରତିଭା ଚୟନ ଉତ୍ସବ

ରଘୁନାଥପୁର,୧୧୯(ଡି.ଏନ୍.ଏ.) ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ପବିତ୍ର ନୂଆଖାଇ ଅବସରରେ ସପ୍ତମ ବାର୍ଷିକ ପ୍ରତିଭା ଚୟନ ଉତ୍ସବ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଅର୍ଥନୀତିଜ୍ଞ ଡ଼ କୁମରବର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ କେବଳ ଡାକ୍ତର, ଇଞ୍ଜିନିୟର ଓ ପ୍ରଫେସର ଭିତରେ ସୀମିତ ନ ରଖି ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡ.ଅରୁନ୍ଧତୀ ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଭାରତବର୍ଷ ହେଉଛି ବିଶ୍ୱଗୁରୁ। ଏହି କୃଷିଭିତ୍ତିକ ପର୍ବରେ କୃଷକମାନେ ହେଉଛନ୍ତି ବିଶ୍ୱ ବନ୍ଦନୀୟ। ଚାଷୀର ପରିଶ୍ରମକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ କିଷାନ ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମୋହିନୀ ମୋହନ ମିଶ୍ର ଓ ଯୁକ୍ତରାଷ୍ଟ୍ରରେ ଅବସ୍ଥାପିତ ହିନ୍ଦୁ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ଡ. ଦିଗନ୍ତ ରଞ୍ଜନ ଦାଶ ଯୋଗଦେଇ ସର୍ବଦା ସଂସ୍କୃତି ଓ ପରମ୍ପରା ସହ ଜଡିତ ରହି ଆଗାମୀ ଦିନରେ ଦେଶ ଗଠନରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସଙ୍ଗଠନର ସଂଯୋଜିକା ସୁଶ୍ରୀ ଗୀତା ରଥ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆବାହକ କ୍ଷେତ୍ରମୋହନ ବେହେରା ଏହି ସଂସ୍ଥା ଦ୍ୱାରା ଉଦ୍ଭାବନ ହୋଇଥିବା ୭ ପ୍ରକାର ନୂଆ କିସମର ଧାନ ବିହନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜଗତ୍‌ସିଂହପୁର ଓ ରଘୁନାଥପୁର ବ୍ଲକର ୧୫ଟି ବିଦ୍ୟାଳୟରୁ ଓଡ଼ିଆ ଓ ଇଂଲିଶ୍ ତର୍କ ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାମାଜିକ କାର୍ଯ୍ୟ ଓ କଳା କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଏନ୍‌ସିସି ଅଫିସର ରାଜ କିଶୋର ସାହୁ ପୁରସ୍କାର ବିତରଣ କରିଥିଲେ। ପ୍ରମୋଦ କୁମାର ଦେବ ଅତିଥି ପରିଚୟ ଓ ସୁଧୀର ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ। ରଘୁନାଥ ସ୍ୱାଇଁ, ବିଶ୍ୱନାଥ ବାରିକ, କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ବିଜନ ମହାପାତ୍ର ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ, ୬ ଆହତ

ସୋରଡା,୧୧୯(ଡି.ଏନ୍.ଏ.): ସୋରଡା-ଗାଜଲବାଡି ରାସ୍ତାର ସମାପଲ୍ଲୀ ଗ୍ରାମ ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ, ଜଣେ ମହିଳା ଓ ୩ ଯୁବକ ଅଛନ୍ତି । ସୋରଡା ଥାନା ଏସଆଇ ସୁନୀଲ କଣ୍ଡୋଗୋରୀ ଓ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସୋରଡା ଡାକ୍ତରଖାନାକୁ ଆଣଛନ୍ତି। ଧରାକୋଟ ନିକଟ ମଶାଣିଭାଗ ଗ୍ରାମର ବାୟା ବେହେରା, ତାଙ୍କ ଝିଅ ଶିବାନୀ (୪) ଓ ଭଉଣୀ ଗୀତା ବେହେରା ଏବଂ ତାଙ୍କ ପୁଅ ଶଙ୍କର(୧୪) ଏକ ବାଇକ୍‌ରେ ଆସୁଥିବା ବେଳେ ସମାପଲ୍ଲୀ ଗ୍ରାମ ନିକଟରେ ଅନ୍ୟପଟୁ ବାଇକ୍‌ରେ ଆସୁଥିବା ଦାରିଙ୍ଗବାଡି ନିକଟ ତରବାଡି ଗ୍ରାମର ହେରଦ ଦିଗାଲ ଓ ସମ୍ପର୍କୀୟ ଅମିରଚାନ୍ଦ ଦିଗାଲଙ୍କ ସହ ଧକ୍କା ହୋଇଥିଲେ। ଶିଶୁ ଶିବାନୀ ଓ ଅମିରଚାନ୍ଦ ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟମାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

### ସେଲଫି ପଏଣ୍ଟ ପାଇଁ ଭୂମି ପୂଜା

ଗଞ୍ଜାମ,୧୧୯(ଡି.ଏନ.ଏ.)-ଗଞ୍ଜାମ ସହରରେ ଖୁବଶୀଘ୍ର ହେବାକୁ ଯାଉଛି ସେଲଫି ପଏଣ୍ଟ। ଏଥିପାଇଁ ଗଣେଶ ପୂଜା ଏବଂ ସ୍ୱାୟତ୍ତ ଶାସନ ଦିବସ ଅବସରରେ ତହସିଲଦାର ଅରୁଣ କୁମାର ନାୟକ ବୁଧବାର ଭୂମି ପୂଜନ କରିଛନ୍ତି। ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁ ପ୍ରିୟା ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସେଲଫି ପଏଣ୍ଟ ନିକଟରେ ମିନିପାର୍କ ମଧ ନିର୍ମାଣ ହେବ। ଏଥିପାଇଁ ପୂର୍ବରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଟେଣ୍ଡର କାର୍ଯ୍ୟ ମଧ ସରିଛି। ଏହା ନିର୍ମାଣ ପାଇଁ ୧୨ ଲକ୍ଷ ୮୪ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଏନ୍‌ଏସି ଜେଇ ମାନସ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ତହସିଲଦାରଙ୍କ ପ୍ରଚେଷ୍ଟାରେ ଏହା ହେବାକୁ ଯାଉଛି। ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏନ୍‌ଏସି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଗ୍ରାସୀମ କମ୍ପାନୀ ପକ୍ଷରୁ ସ୍କୁଲ ବ୍ୟାଗ ବଣ୍ଟନ

ଗଞ୍ଜାମ,୧୧୯(ଡି.ଏନ.ଏ.)-ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଷୋହଳ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁଇଁତୋଳା ମଧ ଇଂଲିଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଗ୍ରାସୀମ କମ୍ପାନୀ ପକ୍ଷରୁ ଗଣେଶ ଚତୁର୍ଥୀ ଅବସରରେ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି। କମ୍ପାନୀ ଏଚଆର ମୁଖ୍ୟ ନିରଜ ପଟ୍ଟନାୟକ, ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି, ପ୍ରବୀଣ ଦାସ, ସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁ ଚନ୍ଦ୍ର ପଟ୍ଟନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ଦଳାଇ, ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ସୀମାଞ୍ଚଳ ପଲାଇ, ପ୍ରତାପ ବିଶ୍ୱାଳ, ନାରାୟଣ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫୫ ବିଦ୍ୟାର୍ଥୀଙ୍କୁ ବ୍ୟାଗ ବଣ୍ଟନ କରାଯାଇଥିବା ବେଳେ ଆସନ୍ତା ଦିନରେ ପିଲାଙ୍କୁ ସ୍କୁଲ କମ୍ପାନୀ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଡିଜିଏମ କହିଛନ୍ତି।

### ଗୁରୁକୃପା ଆଶ୍ରମ ପ୍ରତିଷ୍ଠା ଦିବସ

ଧରାକୋଟ,୧୧୯(ଡି.ଏନ୍.ଏ.)ଧରାକୋଟ ବ୍ଲକ ଝାଡବନ୍ଧ ପଞ୍ଚାୟତ କଳାସୂତା ନିକଟ ରାମଘାଟ ସ୍ଥିତ ଗୁରୁକୃପା ଆଶ୍ରମର ପ୍ରତିଷ୍ଠା ଦିବସ ଗୁରୁବାର ଋଷି ପଞ୍ଚମୀ ତିଥିରେ ପାଳିତ ହୋଇଯାଇଛି । ଏହି ଅବସରରେ ଭୋରରୁ ଆଶ୍ରମ ପରିସରରେ ରାମଧୁନ ସହ ପ୍ରଭାତ ଆଳତି ହନୁମାନ ଠାକୁରଙ୍କୁ ପ୍ରଦାନ ପରେ ନାମଯଜ୍ଞ, ହୋମଯଜ୍ଞ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଆଶ୍ରମ ପ୍ରତିଷ୍ଠାତା ପରମପୂଜ୍ୟ ଗୁରୁଦେବଙ୍କ ଦ୍ୱାରା ଧ୍ୱଜାବତରଣ କରାଯାଇ ଜଗତର କଲ୍ୟାଣ ପାଇଁ ସନାତନ ଧର୍ମର ପ୍ରଚାର, ପ୍ରସାର, ନାମର ପ୍ରଚାର ସହ ଧାର୍ମିକ ପ୍ରବଚନ ହୋଇଥିଲା। ସଂପ୍ରତି କଳିଯୁଗର ଅବକ୍ଷୟମୁଖୀ ଗତିକୁ ରୋକି ଏକ ଧାର୍ମିକ ସଦ୍‌ଭାବନା ସୃଷ୍ଟି ପାଇଁ ରାମଘାଟ ଆଶ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରରୁ ବିଭିନ୍ନ ଭାଷାରେ ଲିଖିତ ୭୮୦ କୋଟି ରାମନାମ ଏହି ଆଶ୍ରମରେ ପହଞ୍ଚିଛି। ଯୁଗର ସର୍ଜନା ପାଇଁ ଏଠାରେ ଏକ ନାମ ମନ୍ଦିର ପ୍ରତିଷ୍ଠା କରାଯିବ ଏବଂ ସନାତନ ଧର୍ମର ଏହା ଏକ ସର୍ବ ଶ୍ରେଷ୍ଠ ଧାମ ରୂପେ ପରିଗଣିତ ହେବ ବୋଲି କୁହାଯାଇଥିଲା।

# ନୂଆଗଡ଼ ପଞ୍ଚାୟତ ସମିତି ବୈଠକ

ନୂଆଗଡ଼, ୧୧୯

ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲା ପରିଷଦ ରାଜୀବ ଦୋରା, ଉପାଧ୍ୟକ୍ଷ ନିହୀମିୟା ରଇତ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବନେନ୍ଦୁ ମହାନ୍ତି, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପିଇଓ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ। ଦାୟିତ୍ୱରେ ଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପିଇଓ ନରସିଂହ ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, ରାଜ୍ୟ ଓ କେନ୍ଦ୍ର ଅର୍ଥ କମିଶନ ଯୋଜନା, ଓଡ଼ିଶା ଜୀବିକା ମିଶନ ଯୋଜନା, ସମାଜମଙ୍ଗଳ ଯୋଜନା, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, କୃଷି ଉଦ୍ୟାନ ଯୋଜନା, ପଶୁ ସମ୍ପଦ, ଶିଶୁ ସୁରକ୍ଷା, ଉନ୍ନୟନ କାର୍ଯ୍ୟ ଏବଂ ଜନସାଧାରଣଙ୍କ ଅଭିଯୋଗ ଭଳି ଅନ୍ୟାନ୍ୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ବ୍ଲକର ଅନେକ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନଥିବା, ବ୍ଲକରେ ଜନସଂଖ୍ୟା କମ ଥିବା ସକାଶେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହୋଇପାରୁନଥିବା, ବ୍ଲକର ୧୯ ଗ୍ରାମ ପଞ୍ଚାୟତ ମଧ୍ୟରେ କେବଳ ୫ରୁ୬ଟି ଗ୍ରାମ ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ପଞ୍ଚାୟତରେ ନେଟୱାର୍କର କୌଣସି ବ୍ୟବସ୍ଥା ନାହିଁ। ଏଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକ ପ୍ରତିନିଧିମାନେ ସମିତି ସଭା ଗୃହରେ ଅଭିଯୋଗ କରିଥିଲେ। ଏହି ବୈଠକ ଗତ ବୁଧବାର ଅନୁଷ୍ଠିତ ହେବାକୁ ଥିବା ବେଳେ ୧୯ଟି ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ବୈଠକକୁ ନଆସି ବ୍ଲକ ପରିସରଠାରେ ଥିବା ବିଶ୍ରାମଗୃହରେ ବସି ରହିଥିଲେ। ବିଭିନ୍ନ ସରକାରୀ ପ୍ରକଳ୍ପଗୁଡ଼ିକ ଲୋକ ପ୍ରତିନିଧିମାନଙ୍କ ଅଜାଣତରେ କରାଯାଇଥିବା ସହ ପ୍ରକଳ୍ପ କାର୍ଯ୍ୟର ପ୍ରପୋଜଲ ଅନିୟମିତତା ହୋଇଥିବା ନେଇ କ୍ଷୋଭ ପ୍ରକାଶ କରି ବୈଠକରେ ନ ବସି ଗୃହ ପରିତ୍ୟାଗ କରିଥିଲେ। ତେଣୁ ସେହି ବୈଠକକୁ ମୁଲତବୀ କରି ମଙ୍ଗଳବାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଶାନ୍ତି ଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଥିଲା। ଜିପିଇଓ ନରସିଂହ ମିଶ୍ର ବୈଠକ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଦେଇଥିଲେ।


ବୈଠକକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ ଦାଶରଥି ଗମାଙ୍ଗ।

# ୫ରୁ ରମ୍ଭାରେ ରହିବ କଟକ-ଗୁଣପୁର ଫାଷ୍ଟ ପାସେଞ୍ଜର

ରମ୍ଭା,୧୧୯

କଟକ-ଗୁଣପୁର ଫାଷ୍ଟ ପାସେଞ୍ଜର ସ୍ପେଶାଲ ଟ୍ରେନ୍ ଆସନ୍ତା ୫ ତାରିଖରୁ ରମ୍ଭା ଷ୍ଟେଶନରେ ରହିବ ବୋଲି ସବୁଜ ସଂକେତ ମିଳିଛି। ପୂର୍ବତଟ ରେଳପଥର ମୁଖ୍ୟ ମ୍ୟାନେଜର ଚିଠି ନଂ ୨୩୩/୩୧.୮.୨୦୨୨ରେ ଫାଷ୍ଟ ପାସେଞ୍ଜର ଟ୍ରେନ୍ ନଂ -୦୮୪୨୧୦୮୪୨୨ ଆସନ୍ତା ୫ ତାରିଖ ସମୟ ସକାଳ ୭.୩୦ ମିନିଟରେ ରମ୍ଭା ଷ୍ଟେଶନରେ ରହିବା ପାଇଁ ସ୍ଥିର ହୋଇଥିବା ଉଲ୍ଲେଖ କରିଛନ୍ତି। ଅଞ୍ଚଳବାସୀଙ୍କ ବହୁଦିନର ପ୍ରତୀକ୍ଷାର ଅନ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଭାଜପା ନେତା ମହେଶ ଚନ୍ଦ୍ର ମହାନ୍ତି, ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଭୀମସେନ ବେହେରା, ପ୍ରଶାନ୍ତ କୁମାର କର, କୀର୍ତ୍ତନ ଦାସ, ରମ୍ଭା ଉନ୍ନୟନ କମିଟିର ବରିଷ୍ଠ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ଦିଗାମ୍ବର ମହାକୁଡ, ରାଜେନ୍ଦ୍ର ସାହୁ, ସୁଦର୍ଶନ ଦାସ, ନାଗେଶ୍ୱର ସୁବୁଦ୍ଧି, ସିମାଞ୍ଚଳ ବାଡତ୍ୟା, ବାପି ଜେନା, ଜ୍ୟୋତିପ୍ରକାଶ ପଣ୍ଡା, କ୍ଷୀରୋଦ ସେନାପତି, ପୂର୍ବତନ ନଗରପାଳ ବିଜୟ ଚନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ୍ ତରାଇ, ରତ୍ନାକର ସାହୁ, ରମ୍ଭା ନଗରପାଳ ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପନଗରପାଳ କାଳିଆ ତରେଇ, ମୃତ୍ୟୁଞ୍ଜୟ ରାଉଳ, ସେନାପତି ବେହେରା, ପ୍ରଶାନ୍ତ କୁମାର ଗୌଡ, କାହ୍ନା ସ୍ୱାଇଁ, ବାଲାଜୀ ଦଳାଇ, ସବୁଲିଆ ଅଟୋ ସଂଘ ତଥା ଭାଜପାର ସକ୍ରିୟ କର୍ମକର୍ତ୍ତା ପ୍ରମୁଖ ଟ୍ରେନ୍ ରହଣି ପାଇଁ ଦାବି କରିଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତଟ ରେଲ୍‌ୱେକୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

# ମନ୍ଦିର ସ୍ୱାଗତ ତୋରଣ ସମ୍ମୁଖରେ ଗର୍ତ୍ତ




ବୁଗୁଡ଼ା,୧୧୯(ଡି.ଏନ.ଏ.)

ମନ୍ଦିରକୁ ଯିବା ପାଇଁ ନିର୍ମାଣ ହୋଇଥିବା ରାସ୍ତାର ପ୍ରବେଶ ଦ୍ୱାରରେ ବିରାଟ ଗର୍ତ୍ତ। ଗେଟ୍ ମୁହଁରେ ଏପରି ଗର୍ତ୍ତ ଯୋଗୁ ଯାଇପାରୁନି ଚାରି ଚକିଆ ଯାନ। ଫଳରେ ଦୂର ଦୂରାନ୍ତରୁ ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଭକ୍ତ ଗେଟ୍ ମୁହଁରୁ ଫେରିଯାଉଥିବା ଦେଖିବାକୁ ମିଳୁଛି। ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ଠାକୁରାଣୀ ପୀଠ ମା' ସେନାପତି ମନ୍ଦିର ରାସ୍ତାରେ ଏହି ଗର୍ତ୍ତ ଦେଖିବାକୁ ମିଳିଛି। ମାଣିତରା-ଜିରାବାଡି ମୁଖ୍ୟ ରାସ୍ତାଠାରୁ ସେନାପତି ମନ୍ଦିର ଯିବା ପାଇଁ ପ୍ରାୟ ୪ କିଲୋମିଟର ରାସ୍ତାରେ ମେଟାଲ ମୋରମ ବିଛାଯିବା ସହ ରାସ୍ତା ମୁହଁରେ ଏକ ସ୍ୱାଗତ ଗେଟ୍ ନିର୍ମାଣ ହୋଇଛି। ତେବେ ସେହି ଗେଟ୍ ସମ୍ମୁଖରେ ଥିବା ନାଳ ଉପରେ ପକାଯାଇଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ୍‌ରୁ ସିମେଣ୍ଟ ଝଡି ଖାଡ଼ି ବାହାରି ପଡିଥିବାରୁ ତା' ଉପରେ ଗାଡି ମୋଟର ଯିବା ସମ୍ଭବ ହେଉନାହିଁ। ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଭକ୍ତମାନେ ଅଧାବାଟରୁ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି।

# ମା' ପିତାବଳୀଙ୍କ ପ୍ରସିଦ୍ଧ ଯନ୍ତାଳ ଯାତ୍ରା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୧୯

ଫିରିଙ୍ଗିଆ ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ପିତାବଳୀଙ୍କ ଯନ୍ତାଳ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ଗତ ଦୁଇବର୍ଷ କରୋନା କଟକଣା ପାଇଁ କେବଳ ମା'ଙ୍କ ପୂଜକ ଓ ସେବାୟତ ମାନଙ୍କ ଦ୍ୱାରା ପର୍ବ ପାଳିତ ହୋଇଥିଲା । ହେଲେ ଚଳିତ ବର୍ଷ ମା'ଙ୍କ ଏହି ଯାତ୍ରା ଧୂମଧାମରେ କରାଯାଇଛି। ମା' ଙ୍କ ମୁଖ୍ୟ ସେବକ ବହୁକ ପଦ୍ମଲୋଚନ ପ୍ରଧାନ ଓ ମୁଖ୍ୟ ପୂଜକ ସତ୍ୟନାରାୟଣ ଭୁକ୍ତାଙ୍କୁ ପାରମ୍ପରିକ ବାଜା ସହ ରିତିନୀତି ଅନୁସାରେ ବରଣ କରି ମନ୍ଦିରକୁ ଅଣାଯାଇ ଥିଲା । ଏହାପରେ ମନ୍ଦିରରେ ପୂଜା ଆରମ୍ଭ ହୋଇଥିଲା । କମିଟି ସଭାପତି ଗୁରୁବନ କହଁର, ସମ୍ପାଦକ ସୁରଞ୍ଜନ ନାଏକ, ସାରସ୍ୱତ ମୁଖୀ, ମୃତ୍ୟୁଞ୍ଜୟ ସାହୁ, ଭୂୟାଁ ମୁଖି, ବେଣୁଧର ମୁଖି, ଶୁକ୍ରୀବ ପ୍ରଧାନ, ସରୋଜ ଚର୍ଚ୍ଚା, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ କହଁର, ସୁରେ କହର, ବୈଷ୍ଣବ କହଁର, ଭ୍ରମର ମୁଖି ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା କରିଥିଲେ । ଥାନାଧିକାରୀ ପି. ଶ୍ୟାମ ସୁନ୍ଦର ରାଓ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ମା' ଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ଅନୁରୂପ ଭାବରେ ବ୍ଲକର ପୋଡାପଡା, ଡ଼ିମିରିଗୁଡା, କେଲାପଡା, ନୁଆସାହି ଠାରେ ମଧ ମା' ଙ୍କ ଏହି ଯନ୍ତାଳ ଯାତ୍ରା ଅନୁଷ୍ଠିତ ହୋଇଛି।


ଭକ୍ତମାନେ ପାରମ୍ପରିକ ଯାତ୍ରାରେ ଯାଉଛନ୍ତି।

# ବଧୂହତ୍ୟା ମାମଲା, ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୧୧୯(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତର ଧାନ୍ୟରାଶି ଗ୍ରାମରେ ଜଣେ ନବବଧୂଙ୍କୁ ହତ୍ୟା ମାମଲାରେ ନୂଆଗାଁ ଥାନା ପୋଲିସ ମୃତା ନବବଧୂଙ୍କ ସ୍ୱାମୀ ଏମ. କ୍ରିଷ୍ଣା ପାତ୍ରଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟ ୨୦ ତାରିଖରେ ନବବଧୂ ରଶ୍ମିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ରଶ୍ମିତାଙ୍କ ବାପା ପଞ୍ଚାନନ ପାତ୍ର ତାଙ୍କ ଝିଅକୁ ଅଧିକ ଯୌତୁକ ଦାବିରେ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ନେଇ କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ସେହି ଏତଲାକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଗତ ୨୨ ତାରିଖ ଦିନ ପ୍ରଥମେ ଶ୍ୱଶୁର ଏମ୍. ମାଲେଶ୍ୱ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରଶ୍ମିତାଙ୍କ ମୃତ୍ୟୁ ଖବର ଶୁଣି କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ସ୍ୱାମୀ କ୍ରିଷ୍ଣା ସାମାନ୍ୟ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରୁ ଗିରଫ କରି ଗୁରୁବାର ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି।

# ଧର୍ମପରାୟଣା ମହିଳାଙ୍କ ବିୟୋଗ

ଦାରିଙ୍ଗବାଡ଼ି,୧୧୯(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ଧର୍ମପରାୟଣା, ପରୋପକାରୀ, ଦୟାଳୁ ଓ ମେଳାପି ମହିଳା ରୋଜି ରାଜଗୁରୁ(୭୫)ଙ୍କ ଗୁରୁବାର ଦେହାନ୍ତ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିବାରୁ ବ୍ରହ୍ମପୁର ମେଡିକାଲକୁ ନିଆଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କୁ ଗାଁକୁ ଫେରାଇ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁ ସମୟରେ ସ୍ୱାମୀ, ପୁଅ ଲକ୍ଷ୍ମୀକାନ୍ତ ରାଜଗୁରୁ ଓ ଅନ୍ୟ ୨ ପୁଅ, ବୋହୁ ଓ ଝିଅ ନାତି ନାତୁଣୀ ଉପସ୍ଥିତ ଥିଲେ ।

# ଏଲ୍‌ଆଇସି ଏଜେଣ୍ଟଙ୍କ ବିକ୍ଷୋଭ

ପୋଲସରା,୧୧୯(ଡି.ଏନ.ଏ.)

ବୀମାଧାରୀମାନଙ୍କୁ ଅଧିକ ବୋନସ୍ ଦେବା ଓ ସେମାନେ ନେଉଥିବା ଋଣ ଉପରେ ସୁଧ କମାଇବା ସହିତ ଅନ୍ୟ କେତେକ ଦାବି ନେଇ ଗୁରୁବାର ପୋଲସରା ଅଞ୍ଚଳର ଜୀବନ ବୀମା ଅଭିକର୍ତ୍ତା (ଏଜେଣ୍ଟ) ମାନେ ପୋଲସରା କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ ପିନ୍ଧି ବିକ୍ଷୋଭ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଅଭିକର୍ତ୍ତା ସଂଘର କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧ ଭାରତୀୟ ଜୀବନ ବୀମା ନିଗମର ୬୬ତମ ପ୍ରତିଷ୍ଠା ଦିବସ। ଏଣୁ ନିଗମ ପକ୍ଷରୁ ପ୍ରତିବର୍ଷ ପରି ଏକ ସପ୍ତାହ ବ୍ୟାପୀ ବୀମା ସପ୍ତାହ ପାଳନ ପୂର୍ବକ ବିଭିନ୍ନ ପ୍ରକାର ଉତ୍ସବ ଆୟୋଜନ କରାଯାଉଛି। ମାତ୍ର ଅଭିକର୍ତ୍ତାମାନଙ୍କ ଅସହଯୋଗ ଯୋଗୁ ଚଳିତବର୍ଷ ବୀମା ସପ୍ତାହ ପାଳନ ଫିକା ପଡିଯାଇଛି। ଏହି ବିକ୍ଷୋଭରେ ଭାରତୀୟ ଜୀବନ ବୀମା ନିଗମର ଆସିକା ଶାଖା ଅଭିକର୍ତ୍ତା ସଂଘର ସାଧାରଣ ସମ୍ପାଦକ ନୃସିଂହ ନାରାୟଣ ପାତ୍ର, ସହ ସମ୍ପାଦକ ଅର୍ଜୁନ ମିଶ୍ର ଓ ସଚ୍ଚିଦାନନ୍ଦ ବିଷୋୟୀଙ୍କ ସମେତ ବରିଷ୍ଠ ଅଭିକର୍ତ୍ତା ଭାସ୍କର ପ୍ରଧାନ, ଲକ୍ଷ୍ମୀ ନାରାୟଣ ପାତ୍ର, ସୁବୋଧ କୁମାର ପଟ୍ଟନାୟକ, ମାନସ ପାତ୍ର, ଲଳିତ ମୋହନ ନାୟକ, ରାଧାମାଧବ ପ୍ରଧାନ, ଅନୀଲ କୁମାର ସାହୁ, ରଞ୍ଜନ କୁମାର ଗୌଡ଼, ସଞ୍ଜୟ କୁମାର ପାତ୍ର, ଅଶ୍ୱିନୀ କୁମାର ସାହୁ ଓ ଭାନୁ ରଞ୍ଜନ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୧୯

ଫୁଲବାଣୀ ଏବଂ ଫିରିଙ୍ଗିଆରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ଗୁରୁବାର ପାଳିତ ହୋଇଯାଇଛି । ଫୁଲବାଣୀ ରୁଜାଙ୍ଗି ଛକରୁ ଡ୍ରାଇଭରମାନେ ଏକାଠି ହୋଇ ବାଇକ ରାଲି କରିଥିଲେ । ସେମାନେ ସହର ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିଥିଲେ। ସେହିପରି ଫିରିଙ୍ଗିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଜଳନ୍ଧର କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ଗାୟତ୍ରୀ ମନ୍ଦିର ଠାରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବ୍ଲକଛକ ନିକଟରେ ଲୋକଙ୍କୁ ଲିଫଲେଟ ବଣ୍ଟାଯାଇଥିଲା। ଫିରିଙ୍ଗିଆ ଶାଖା ସଭାପତି ସାମନ୍ତ କୁମାର ସାହୁ, ଉପସଭାପତି ବଂଶୀଧର ସାହୁ, ସମ୍ପାଦକ ସୌମିନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।


ଡ୍ରାଇଭରମାନେ ସଚେତନତା ବାର୍ତ୍ତା ଦେଉଛନ୍ତି ।

# ଦାବି ଉଠାଇଲା ଡ୍ରାଇଭର ମହାସଂଘ

ଛତ୍ରପୁର/ଗଞ୍ଜାମ/ଧରାକୋଟ/ନୂଆଗଡ଼,୧୧୯(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଚମାଖଣ୍ଡିସ୍ଥିତ ମଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡିଶା ଡ୍ରାଇଭର ମହାସଂଘ ଛତ୍ରପୁର ଶାଖା ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ସଂଘ ସମ୍ପାଦକ ପଞ୍ଚୁ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ଡ୍ରାଇଭରଙ୍କ ସମସ୍ୟାଗୁଡିକୁ ପୂର୍ବରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ଏ ଯାଏ କିଛି ସୁଫଳ ମିଳିନାହିଁ। ସମସ୍ୟା ସମାଧାନ ନ ହେଲେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରାଯିବାକୁ ମହାସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି। ସଂଘ ଉପସଭାପତି ସମୀର ଦାଶ, ସୁଶାନ୍ତ ରାଉଳ, ଅନୀଲ ସାହୁ, ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

ଗଞ୍ଜାମ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ପୁଇଁତୋଳାଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘ ସଭାପତି ନରେନ୍ଦ୍ର ଚଣ୍ଡ, ଉପସଭାପତି ଧରଣୀଧର ସାହୁ, ସମ୍ପାଦକ ବବୁଲ ସାହୁ ଓ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ଛାଟୋଇଙ୍କ ସମେତ ବ୍ଲକ ଅଞ୍ଚଳର ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ। ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି ବୋଲି ସଂଘ ଉପସଭାପତି ଧରଣୀଧର ସାହୁ ସୂଚନା ଦେଇଛନ୍ତି।

ସେହିପରି ଧରାକୋଟ ବ୍ଲକ ଡ୍ରାଇଭର ମହାସଂଘ ଶାଖା ପକ୍ଷରୁ ଏହି ଦିବସ ପାଳନ ଅବସରରେ ଗଞ୍ଜାମ ଜିଲା ଶାଖା ତରଫରୁ ସୁରେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଭାକର ମୁନି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ତରଫରୁ ସ୍ଥାନୀୟ ଧରାକୋଟ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନିକଟସ୍ଥ ବାଲ୍ମିକେଶ୍ୱର୍ ଅନାଥ ଆଶ୍ରମ ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ ସହ ରେଞ୍ଜୀ ଦାମୋଦର ପଲ୍ଲୀ ଗ୍ରାମର ବୃଦ୍ଧ ତଥା ଅସହାୟ ଡ୍ରାଇଭରଙ୍କୁ ଚାଉଳ,ରାସନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ପ୍ରାୟ ୫୦୦ ଡ୍ରାଇଭର ଅଂଶ ଗ୍ରହଣ କରିଥିଲେ।

ସେହିପରି ଗଜପତି ଜିଲା ନୂଆଗଡ଼ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ଜଗନ୍ନାଥ ପାଇକଙ୍କ ନେତୃତ୍ୱରେ ଡ୍ରାଇଭର ଦିବସ ପାଳିତ ହୋଇଛି। ବାଇକ ଯୋଗେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନୂଆଗଡ଼, ବଡ଼ପଦା, ଝାଲରସିଂ ଗ୍ରାମ ପରିକ୍ରମା କରି ହାଟପଦା ନିକଟରେ ସମାବେଶ ହୋଇଥିଲେ।


ଗଞ୍ଜାମ ବ୍ଲକ ଡ୍ରାଇଭର ସଂଘର କର୍ମକର୍ତ୍ତା ।

## ସଂକ୍ଷେପରେ

### ୮ ଦିନରେ ସଫେଇ କର୍ମଚାରୀଙ୍କ ଧାରଣା

■ ସହରରେ ଗଦା ହୋଇଛି ଆବର୍ଜନା
■ ଦୂଷିତ ହେବାରେ ଲାଗିଛି ପରିବେଶ

**ଖଣ୍ଡପଡ଼ା,୧୯(ସ୍ୱ.ପ୍ର.):** ପରିମଳ ବ୍ୟବସ୍ଥାର ଘରୋଇକରଣ ପାଇଁ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ପରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଇତିମଧ୍ୟରେ ୮ଦିନ ବିତିଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ସଫେଇ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଫଳରେ ସହର ସାରା ଅଳିଆ ଆବର୍ଜନା ଗଦା ହୋଇଛି। ଏପରିକି ସହରର ମୁଖ୍ୟରାସ୍ତା ପାର୍ଶ୍ୱ, ବଜାର, ରଥଗଡା ଓ ଡ଼ାକ୍ତରଖାନା ଛକ ପାର୍ଶ୍ୱରେ ଅଁଇଠା ଖଲିପତ୍ର, ଠୁଙ୍ଗା ସହ ଅଳିଆ, ଆବର୍ଜନା ପଡ଼ିରହିଛି। ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିପାଇଁ ମଶା ବଂଶ ବୃଦ୍ଧି ପାଇବା ସହ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସହରର ଗଳିକନ୍ଦିର ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ୱାର୍ଡ ବାସିନ୍ଦା ଏନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷ, ଅଧ୍ୟକ୍ଷା ଓ ପାରିଷଦବର୍ଗ ଅବଗତ ଥିଲେ ହେଁ ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଏ ସମ୍ପର୍କରେ କହିଛନ୍ତି, ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଖୁବ୍‌ଶିଘ୍ର ପରିମଳ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ ସେ ଯତ୍ନବାନ ଅଛନ୍ତି ବୋଲି କହିଛନ୍ତି।

# ୪୦ ଦିନ ପରେ ବି ପୋଲିସ ବିଫଳ

**ନୟାଗଡ଼ ଅଫିସ,୧୯**

ନୟାଗଡ଼ ପୋଲିସ ଜିଲାରେ ଚୋରି, ଡକାୟତି ଘଟଣା ଚିନ୍ତାର କାରଣ ହୋଇଛି। ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରି ବାହାବା ନେଉଛି। ହେଲେ ବହୁ ଅପରାଧୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସେଥିପାଇଁ ଲୋକଙ୍କ ଧନଜୀବନ ନିରାପଦ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ତାଲା ପଡିଥିବା ଘରୁ ଚୋରି ହେଉଛି। ଦିନଦ୍ୱିପ୍ରହରରେ ଗୁଳି ଫୁଟାଇ, ବୋମା ମାଡ଼ କରି ଡକାୟତି ଚାଲିଛି। ତଥାପି ଅପରାଧୀଙ୍କ ଟେର ପାଉନି ପୋଲିସ। ଶରଣକୁଳ, ରଣପୁର ଓ ନୟାଗଡ଼ ଟାଉନଥାନାର ଡକାୟତି, ଚୋରି ଘଟଣାକୁ ଲକ୍ଷ୍ୟ କଲେ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଗୋଡିପଡ଼ା ଡକାୟତି ହେଉ ଅଥବା ନୟାଗଡ଼ରେ ଗୋଟିଏ ରାତିରେ ୩ ଚୋରି ଘଟଣା ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଚୋରି, ଡକାୟତି ଘଟଣାରେ ବନ୍ଦ ଥିବା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଦାୟୀ କରାଯାଇଛି। ନୟାଗଡ଼ ସହରର ଲୋକସଂଖ୍ୟା ସହିତ ବିଭିନ୍ନ ଲେନ୍, ଗଳି ବଢ଼ିବାରେ ଲାଗିଛି। ନୂଆ ଏରିଆରେ ପୋଲିସ ଆଦୌ ପାଟ୍ରୋଲିଂ କରୁନାହିଁ। ଶରଣକୁଳ ଓ ରଣପୁର ଥାନା ଅଞ୍ଚଳରେ ଥିବା ଅନେକ ଗାଁକୁ ପୋଲିସର ଭ୍ୟାନ ଆଦୌ ଗଡୁ ନ ଥିବା ଅଭିଯୋଗ ହୋଇଛି।

### ଜୁଏଲେରି, ପେଟ୍ରୋଲ ପମ୍ପ ଡକାୟତି ଘଟଣା



■ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଭରସା ନାହିଁ
■ ବୋମା ଫୁଟୁଛି, ଗୁଳି ମାଡ଼ କରି ଲୁଟ୍

ସୂଚନାଯୋଗ୍ୟ, ଗତ ଜୁଲାଇ ୧୯ ଅପରାହ୍ନରେ ଗୋଡିପଡ଼ା ଫାଣ୍ଡି ଅଧୀନ ଗୋଡିପଡ଼ା ବଜାରର ରଣପୁର ରୋଡରେ ଥିବା ମହାଲକ୍ଷ୍ମୀ ଜୁଏଲେରି ଓ ଏହାର ୱାର୍କସପ୍ ଭଙ୍ଗାରୁଜା କରି ଡକାୟତି ହୋଇଥିଲା। ସେଦିନ ଗୋଡିପଡା ନିକଟସ୍ଥ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ଡମସାହି ବାଗ୍‌ଦେବୀ ମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅନୁରୂପ ଭାବେ ୧ ଲକ୍ଷ ୩୦ ହଜାର ଲୁଟ୍ ହୋଇଥିଲା। ଉଭୟ ଡକାୟତି ଘଟଣାକୁ ୪୦ ଦିନ ବିତିଛି। ଆଜି ପର୍ଯ୍ୟନ୍ତ ୩ ଡକାୟତଙ୍କୁ ଠାବ କରିବାରେ ଶରଣକୁଳ ଓ ରଣପୁର ଥାନା ପୋଲିସ ବିଫଳ ହୋଇଛି। ମହାଲକ୍ଷ୍ମୀ ଜୁଏଲେରିରୁ ୫ ଲକ୍ଷ ଟଙ୍କାର ସୁନା ରୁପା ଅଳଙ୍କାର ଡକାୟତି ହୋଇଥିଲା। ଡକାୟତି ବେଳେ ଜୁଏଲେରିର ସିସିଟିଭି କାମ କରୁ ନ ଥିଲା। ସେହିପରି ପେଟ୍ରୋଲ ପମ୍ପର ସିସିଟିଭି ବନ୍ଦ ଥିଲା। ଡକାୟତିମାନେ ବ୍ରହ୍ମପୁର ଲୋକଙ୍କ ପରି କଥାବାର୍ତ୍ତା କରୁଥିବାରୁ ସେମାନେ ଗଞ୍ଜାମ ଜିଲାର ବାସିନ୍ଦା ବୋଲି ପୋଲିସ ଅନୁମାନ କରୁଛି। ଏହା ପରେ ବି ସମ୍ପୃକ୍ତ ଡକାୟତିମାନଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ସେହିପରି ନୟାଗଡ଼ ଟାଉନ ଥାନା ଖଣ୍ଡପଡ଼ା ରୋଡ ମିଶ୍ର ଗଳିର ବାସିନ୍ଦା ରତିକାନ୍ତ ପରିଡା ଓ ବାଳକୃଷ୍ଣ ପାଣିଗ୍ରାହୀଙ୍କ ଘରୁ ଅଗଷ୍ଟ ୨୩ରେ ଚୋରି ହୋଇଥିଲା। ସେହିପରି ଲୋକନାଥ ନଗରର ଗୋକୁଳ ଚନ୍ଦ୍ର ଦ୍ୱିବେଦୀଙ୍କ ଘରୁ ଅନୁରୂପ ଚୋରି ହୋଇଥିଲା। ରତିକାନ୍ତଙ୍କ ପରିବାର କଟକ ଯାଇଥିବାବେଳେ ବାଳକୃଷ୍ଣଙ୍କ ପରିବାର ଖଲ୍ଲିକୋଟ ଯାଇଥିଲେ। ସେହିପରି ଗୋକୁଳ ଚନ୍ଦ୍ର ଦ୍ୱିବେଦୀଙ୍କ ପରିବାର ବାଙ୍ଗାଲୋରସ୍ଥିତ ଝିଅ ଘରେ କିଛି ମାସ ହେଲା ରହୁଥିଲେ। କବାଟରେ ତାଲା ଝୁଲୁଥିବା ଦେଖି ଉପରୋକ୍ତ ୩ ଘରକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥିଲେ। ସିସିଟିଭି ଫୁଟେଜକୁ ଲକ୍ଷ୍ୟକଲେ ଗତ ୨୩ ତାରିଖ ରାତିର ୧.୪୫ରୁ ୩.୪୫ ପର୍ଯ୍ୟନ୍ତ ଚୋରି ହୋଇଥିଲା। ଜଣେ ଯୁବକ ସିସିଟିଭି ଫୁଟେଜରେ ଆସୁଥିଲେ। ସେ ଚୋରି କରୁଥିବା ସନ୍ଦେହ ପ୍ରକାଶ ପାଇଛି। ତେବେ ସଂପୃକ୍ତ ଯୁବକଙ୍କ ସହ ଅନ୍ୟ କେହି ଅଛନ୍ତି କି ନାଁ ତଦନ୍ତ ସାପେକ୍ଷ। ଏହି ଘଟଣାରେ ସିସିଟିଭିର କିଛି ଫୁଟେଜ ପୋଲିସ ନେଇଥିଲେ ମଧ୍ୟ ଚୋରି ଘଟଣାର ଟେର ପାଉନି ବୋଲି ଅଭିଯୋଗ ହୋଇଛି।

ଏନେଇ ଶରଣକୁଳ ଥାନା ଅଧିକାରୀ ଜୟଦୀପ ମହାନ୍ତି ଓ ରଣପୁର ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି କୁହନ୍ତି, ପୋଲିସ ଉଭୟ ଡକାୟତି ଘଟଣାରେ ତଦନ୍ତ ଚଳାଉଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରିବାରେ ପୋଲିସ ସଫଳ ହେବ ବୋଲି ସେ କହିଛନ୍ତି। ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଚୋରି ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀମାନେ ଗିରଫ ହେବେ।

### ସର୍ଜରି ୱାର୍ଡ ବାରଣ୍ଡାରେ ମହିଳା ରୋଗୀ

**ନୟାଗଡ଼ ଅଫିସ,୧୯**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରି ୱାର୍ଡ ବାରଣ୍ଡାରେ ଜଣେ ୪୦ ବର୍ଷୀୟା ମହିଳା ପଡି ରହିଛନ୍ତି। ୭ ଦିନ ଧରି ପଡି ରହିଥିବା ଏହି ମହିଳାଙ୍କୁ କାହାଠାରୁ ସହଯୋଗ ମିଳୁନି। ବିନା ଖାଦ୍ୟରେ ପଡ଼ିରହିଥିବା ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ସେହି ମହିଳା ନିଜର ନାମ ଠିକଣା କହୁ ନାହାନ୍ତି। ତାଙ୍କ ପାଖରେ କିଏ ଖାଦ୍ୟ ରଖିଲେ ଖାଉ ନାହାନ୍ତି। ଘଟଣା ସମ୍ପର୍କରେ ପୋଲିସ ଓ ଚିକିତ୍ସାଳୟ କର୍ତ୍ତୃପକ୍ଷ ତାଙ୍କ ସମ୍ପର୍କରେ ଅଧିକ ଜାଣିବାକୁ ଚାହିଁଲେ ସେ ମୁହଁ ଖୋଲୁ ନାହାନ୍ତି।

### ମଦ ଚାଲାଣ ବେଳେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୯:**

ଗୁରୁବାର ଦିଗପହଣ୍ଡି ଥାନା ଲଙ୍ଗଳଦେଇ ଛକରୁ ମଦ ଜବତ କରିଛି। ସୁକୁଣ୍ଡା ଗ୍ରାମର ସୀମାଞ୍ଚଳ ଦାସ(୨୨)ଙ୍କୁ ଗିରଫ କରାଯାଇଛି। ସେ ସ୍କୁଟିରେ ଯାଉଥିବା ବେଳେ ଅବକାରୀ ପୋଲିସ ଅଟକାଇ ଗାଡ଼ି ଯାଞ୍ଚ କରିଥିଲା। ଏକ ଜରିବସ୍ତାରେ ଦେଶୀ ମଦ ଭର୍ତ୍ତି ହୋଇଥିବା ଜଣାପଡିଥିଲା।

# କଣ୍ଟିଲୋ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରକ୍ରିୟା ଆରମ୍ଭ



ଆଲୋଚନାରେ ଅଂଶଗ୍ରହଣ କରିଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୧୯(ସ୍ୱ.ପ୍ର.)**

ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମ ଭାବେ ପରିଚିତ କଣ୍ଟିଲୋ ପଞ୍ଚାୟତକୁ ଏନ୍‌ଏସିର ମାନ୍ୟତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ପର୍ଯ୍ୟଟନସ୍ଥଳୀ ନୀଳମାଧବ କ୍ଷେତ୍ରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ଗୁରୁବାର ଅପରାହ୍ନରେ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ କଣ୍ଟିଲୋ ନାଗରିକ ମଞ୍ଚ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ବିଧି ବ୍ୟବସ୍ଥା କ୍ରମେ କଣ୍ଟିଲୋ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନଏସିର ମାନ୍ୟତା ଦେବା ପାଇଁ ଏଠାରେ ରହିଥିବା ଭିତ୍ତିଭୂମି ସହିତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ସ୍କୁଲ, କଲେଜ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା, ମାର୍କେଟ ଓ ଜନସଂଖ୍ୟା ଆଦି ସମ୍ପର୍କରେ ତଥ୍ୟ ପ୍ରଦାନ, ନକ୍ସା ଓ ଗ୍ରାମ ପଞ୍ଚାୟତର ପାରିପାର୍ଶ୍ୱିକ ସ୍ଥିତି ବିଷୟରେ ଉପସ୍ଥିତ ବ୍ୟକ୍ତିମାନଙ୍କ ସହ ଅତିରିକ୍ତ ତହସିଲଦାର ମଲ୍ଲିକ ଆଲୋଚନା କରିଥିଲେ। ସର୍ଭେ ପରେ ଜିଲାପାଳଙ୍କ ନିକଟରେ ଏହି ରିପୋର୍ଟ ଦାଖଲ କରାଯିବ ବୋଲି ଅତିରିକ୍ତ ତହସିଲଦାର ମଲ୍ଲିକ ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ସଞ୍ଜୟ କୁମାର ପ୍ରଧାନ, କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଉପଦେଷ୍ଟା ପ୍ରଭାକର ଶିରୋମଣି, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଉପସଭାପତି ଶ୍ରୀପତି ମହାରଣା, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, କଣ୍ଟିଲୋ ସେବା ସମବାୟ ସମିତି ସଭାପତି ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କଣ୍ଟିଲୋକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେବା ପାଇଁ ୨୦୧୭ରୁ ରାଜ୍ୟ ସରକାରଙ୍କ ପାଖରେ ଆବେଦନ କରାଯାଇଥିଲା। ଗତ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ପ୍ରଶାସନ ସମେତ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦରଖାସ୍ତ ସହ ଫର୍ମାଟ ଦାଖଲ କରାଯାଇଥିଲା। ୨୦୨୧ ନଭେମ୍ବରରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ରାଜ୍ୟ ସହରାଞ୍ଚଳ ବିକାଶ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ସାକ୍ଷାତ କରି କଣ୍ଟିଲୋକୁ ଏନ୍‌ଏସିର ମାନ୍ୟତା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ପାହାଡ଼ରୁ ହେଉଛି ଅବାଧ ମୋରମ ଚାଲାଣ

**ଖଣ୍ଡପଡ଼ା,୧୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ତହସିଲ ଅଧୀନ ଖଳିସାହି ପଞ୍ଚାୟତର ଇଚ୍ଛାପୁର ଗ୍ରାମ ନିକଟ ପାହାଡ଼ରୁ ଅବାଧରେ ମୋରମ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ପାହାଡ଼ ଓ ତତ୍‌ସଂଲଗ୍ନ ସଂରକ୍ଷିତ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅବାଧରେ ମୋରମ ଚାଲାଣ ହେଉଥିବା ବେଳେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି।

ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ରୋକିବା ନିମନ୍ତେ ରାଜ୍ୟ ସରକାର କଡାକଡି ଆଇନ ପ୍ରଣୟନ କରିଛନ୍ତି। ହେଲେ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଉକ୍ତ ପାହାଡ଼ରୁ ମୋରମ ଚାଲାଣ ଯୋଗୁ ପାହାଡର ପାଦ ଦେଶରେ ଥିବା ବୃକ୍ଷରାଜି ନଷ୍ଟ ହେବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି।



ପାହାଡ଼ରୁ ମୋରମ ଚାଲାଣ ଯୋଗୁ ସୃଷ୍ଟି ହୋଇଥିବା ଗାତ।

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ: ସ୍ଥିତାବସ୍ଥା ଜାରି ହୋଇଥିବା ଜମିରେ ଉନ୍ନୟନ କାମ

**ନୟାଗଡ଼ ଅଫିସ,୧୯:** ନୟାଗଡ଼ ସହର ହାଟପଦା ବସ୍ତିରେ ଏକ ଜମି ଉପରେ ହାଇକୋର୍ଟଙ୍କ ସ୍ଥିତାବସ୍ଥା ଜାରି ରହିଛି। ତେବେ ହାଇକୋର୍ଟଙ୍କ ଅନୁମତିକୁ ଅଣଦେଖା କରି ଦାୟିତ୍ୱରେ ଥିବା ଅଧିକାରୀ ସଂପୃକ୍ତ ଜମି ଉପରେ ଜେସିବି ଲଗାଇ ସରକାରୀ କାମ କରୁଛନ୍ତି। କୋର୍ଟ ଅର୍ଡରକୁ ଅବମାନନା କରିଥିବାରୁ ଅଭିଯୋଗକାରୀ ପୁଷ୍ପଲତା କର ପ୍ରତିବାଦ କରିଛନ୍ତି। ଅନ୍ୟପକ୍ଷେ ପୁଷ୍ପଲତା କହିଛନ୍ତି, ହାଇକୋର୍ଟଙ୍କ ସ୍ଥିତାବସ୍ଥା କପି ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଦେଇଥିଲି। ତଥାପି ମ୍ୟୁନିସିପାଲିଟି ହାଇକୋର୍ଟଙ୍କ ଆଦେଶକୁ ଅବମାନନା କରୁଛନ୍ତି। ସେହି ସରକାରୀ ଜମି ଉପରେ ପୁଷ୍ପଲତା ରହୁଥିଲେ।

### ଡ୍ରାଇଭର ସଂଘ ଦ୍ୱାରା ଗାଡ଼ି ଚାଳନା ସଚେତନତା

**ଓଡ଼ଗାଁ,୧୯ (ସ୍ୱ.ପ୍ର.)**

ରାଜ୍ୟ ଡ୍ରାଇଭର ମହାସଂଘ ସହ ଅନୁବନ୍ଧିତ ନୟାଗଡ଼ ଜିଲା ଓଡ଼ଗାଁ ଶାଖା ଡ୍ରାଇଭର ସଂଘ ଦ୍ୱାରା ଗାଡ଼ି ଚାଳନା ସମ୍ପର୍କିତ ଏକ ସଚେତନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଓଡ଼ଗାଁ ଶାଖା ଡ୍ରାଇଭର ସଂଘ କର୍ମକର୍ତ୍ତାମାନଙ୍କ ପରିଚାଳନରେ ସରକାରୀ ପଲ୍ଲୀଟେକ୍‌ନିକର ଉଭୟ ପାର୍ଶ୍ୱରେ ସଦସ୍ୟମାନେ ରହି ଚଳାଚଳ କରୁଥିବା ଗାଡ଼ି ଡ୍ରାଇଭରମାନଙ୍କୁ ସିଟବେଲ୍ଟ ଲଗାଇବା ସହିତ ସମସ୍ତ ନିୟମକାନୁନ ମାନି ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ବାଇକ୍ ଚାଳକମାନଙ୍କୁ ହେଲମେଟ ପିନ୍ଧିବା ସହିତ ଦ୍ରୁତଗତିରେ ଗାଡ଼ି ନ ଚଲେଇବା ପାଇଁ ପ୍ରଚାର ପତ୍ର ମାଧ୍ୟମରେ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ସନ୍ତୋଷ କୁମାର ଦୋରାଙ୍କ ନେତୃତ୍ୱରେ ସଂଘର ସଭ୍ୟମାନେ ମିଳିତ ହୋଇ ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ଉପ ସଭାପତି କାର୍ତ୍ତିକ ସାହୁ, ସମ୍ପାଦକ ସନ୍ତୋଷ କୁମାର ସେଠୀ, ସହସମ୍ପାଦକ ଈଶ୍ୱର ବିଶ୍ୱାଳ ଓ କୋଷାଧ୍ୟକ୍ଷଙ୍କ ପରିଚାଳନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପ୍ରଥମ ସେମିରେ ମଧୁବନ ଟିମ୍ ବିଜୟୀ

**ଖଣ୍ଡପଡ଼ା ଏନ୍‌ଏସି କପ୍ ଫୁଟବଲ**

**ଖଣ୍ଡପଡ଼ା,୧୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ଯୁବକ ସଂଘ ପକ୍ଷରୁ ଚାଲିଥିବା ଏନ୍‌ଏସି କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବାଇଗୁଣିଆଁ ଓ ମଧୁବନ ଟିମ୍ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ମଧୁବନ ଟିମ୍ ୩-୨ ଗୋଲରେ ବାଇଗୁଣିଆଁ ଟିମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ମ୍ୟାଚକୁ ପରିଚାଳନା କରିଥିଲେ।



ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳି ଅତିଥିଙ୍କ ଗହଣରେ।

# ‘ଡ୍ରଇଁ ଶିକ୍ଷକରୁ ଓଡ଼ିଆ ଅଧ୍ୟାପକ ହୋଇଥିଲେ ବିନାୟକ’



ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥିମାନେ।

### ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ସମାରୋହ

**ନୟାଗଡ଼ ଅଫିସ,୧୯**

ଅଧ୍ୟୟନ ଓ ଗବେଷଣା ପାଇଁ ସମର୍ପିତ ଥିଲା ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନ। ଡ୍ରଇଁ ଶିକ୍ଷକରୁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ହେବା ଛୋଟ କଥା ନୁହେଁ। ସେ ସାମାଜିକ, ଆର୍ଥିକ ଓ ପାରିବାରିକ ଦୁଃଖକଷ୍ଟକୁ ଭୃକ୍ଷେପ ନ କରି ସାହିତ୍ୟ ଗବେଷଣାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ମାତ୍ର ସପ୍ତମ ଶ୍ରେଣୀ ଯାଏ ପାଠ ପଢି ମଧ୍ୟ ନିଜର ଅସାଧାରଣ ଜ୍ଞାନ ପାଇଁ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇପାରିଥିଲେ। ସେଠାରେ ମିଳୁଥିବା ଦରମାକୁ ସେ ଖର୍ଚ୍ଚ କରିଦେଉଥିଲେ ପୁସ୍ତକ କିଣା ଓ ଗବେଷଣାରେ। ଏଣୁ ଜୀବନର ଶେଷ ସମୟରେ ତାଙ୍କର ରହିବା,ଖାଇବା ଓ ଔଷଧ ପାଇଁ ଦେଖାଦେଥିଲା ସମସ୍ୟା। ସେ ଜଣେ ସ୍ୱାଭିମାନୀ ମଣିଷ ଥିବାରୁ କାହାପାଖରେ ହାତପାତିବାକୁ ପସନ୍ଦ କରୁ ନ ଥିଲେ। ବାସ୍ତବରେ ଜୀବନର ଭଙ୍ଗା ଦୀପର ଉଜ୍ଜ୍ୱଳତମ ଶିଖା ଥିଲେ ପଣ୍ଡିତ ବିନାୟକ ମିଶ୍ର। ତାଙ୍କ ରଚିତ ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟ ଇତିହାସ (୧୯୨୯), ଓଡ଼ିଆ ସାହିତ୍ୟ ପ୍ରକାଶ, ଭାରତୀୟ ଦର୍ଶନ ପ୍ରବେଶିକା, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ (୧୯୬୮) ସାହିତ୍ୟର ଅମୂଲ୍ୟ ସଂପଦ ବୋଲି ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ତଥାସ୍ତୁ ଆନୁକୂଲ୍ୟରେ ଆୟୋଜିତ ଆମ ଗାଁ ଆମ ସାହିତ୍ୟ ତଥା ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ନୟାଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ସାହିତ୍ୟିକ ବସିରନ୍ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟାପକ ଗଣେଶ ମିଶ୍ରଙ୍କ ସଂଯୋଜନା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ, ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ପଣ୍ଡିତ ମିଶ୍ରଙ୍କ ଜୀବନୀ ଏବଂ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ତଥାସ୍ତୁର ସହ ସମ୍ପାଦକ ଗୋକୁଳ କୁମାର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନର ବିଷୟ ‘ଗ୍ରାମାଞ୍ଚଳରେ ପତ୍ରିକା ପ୍ରକାଶନ ଓ ପାଠକ ସମସ୍ୟା’ ଉପରେ ଗଠନର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ନୟାଗଡ଼ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ୍ ଅବଦୁଲ ଖାଲିକ୍, ସମ୍ବର୍ଦ୍ଧନାର ପ୍ରତିଷ୍ଠାତା ଏମ.ଦୀନବନ୍ଧୁ, ରଘୁନାଥ ସାରସ୍ୱତ ସଂସଦର ସମ୍ପାଦକ ଭାବଗ୍ରାହୀ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ନିକୁଳର ସମ୍ପାଦକ ଦିଲ୍ଲୀପ କୁମାର ସାହୁ। ତୃତୀୟ ଅଧିବେଶନରେ ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୋପୀନାଥ ସେଠୀ,କ୍ଷଣପ୍ରଭା କରଙ୍କ ସଂଯୋଜନାରେ ୨୦ରୁ ଅଧିକ କବି କବିତା ପାଠ କରାଯାଇଥିଲା। କବିତାର ସମୀକ୍ଷା କରିଥିଲେ କବି ଗୋଦାବରୀଶ ମିଶ୍ର। ଏହି ସାରସ୍ୱତ ସମାବେଶରେ ବୈକୁଣ୍ଠ ନାଥ ମହାପାତ୍ରଙ୍କ ପୁସ୍ତକ ‘ସ୍ମୃତି ସ୍ମୃତି ଶ୍ରୁତି’ ଲୋକାର୍ପିତ ହେବାସହ ବିଶିଷ୍ଟ କଥାକାର ଡ.ପ୍ରାଣକୃଷ୍ଣ ବେହେରାଙ୍କୁ ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରୁ କାମାକ୍ଷ ପ୍ରସାଦ ଦାଶ, ନରେନ୍ଦ୍ର ସାହୁ, ସ୍ମୃତିରଞ୍ଜନ ମାନସିଂହଙ୍କ ପରିଚାଳନାରେ ୮ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା,ସାଧାରଣ ଜ୍ଞାନ, ସ୍ୱରଚିତ କବିତା ପାଠ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଗଜାନନଙ୍କୁ ଆରାଧନା.............................



ବୁଗୁଡ଼ା



ଶେରଗଡ



ଆସିକା



ଧରାକୋଟ

# ଆଧାର-ଭୋଟର କାର୍ଡ ସଂଯୋଗ କର୍ମଶାଳା

**ଗଞ୍ଜାମ,୧୯(ଡି.ଏନ୍.ଏ.)**

ଗଞ୍ଜାମ ମହାବିଦ୍ୟାଳୟ ଅଡିଟୋରିୟମ ହଲରେ ମଙ୍ଗଳବାର ଆଧାରକାର୍ଡ-ଭୋଟର ପରିଚୟପତ୍ର ସଂଯୋଗିକରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼ଃ ପ୍ରବୀଣ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ଛତ୍ରପୁର ଅତିରିକ୍ତ ଜିଲାପାଳ ବିକ୍ରମ ଦୋରା, ଅଶୋକ ପ୍ରଧାନ, ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଆଧାର କାର୍ଡ-ଭୋଟର ପରିଚୟ ପତ୍ର ଲିଙ୍କ ସମ୍ପର୍କରେ ସଚେତନ କରାଇଥିଲେ। ତେଣୁ ୧.୧.୨୦୨୩ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହେଉଥିବା ବ୍ୟକ୍ତିମାନଙ୍କ ଭୋଟର କାର୍ଡ କରିବା ପାଇଁ ଅଧିକାରୀମାନେ ଆହ୍ୱାନ ଦେଇଥିଲେ। ଆଧାର କାର୍ଡ ସହ ଭୋଟର କାର୍ଡ ଲିଙ୍କ କରିବା ପାଇଁ ପ୍ଲେଷ୍ଟୋର ଭୋଟର ହେଲ୍ପ ଲାଇନରେ ୬ନମ୍ବର ଓ ଭୁଲ ସଂଶୋଧନ ପାଇଁ ୮ନମ୍ବର ମାରି ସ୍ମାର୍ଟ ଫୋନ ବ୍ୟବହାର କରିବାକୁ କୁହାଯାଇଥିଲା। ଆଗାମୀ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଉପଲବ୍ଧ ହେବ ବୋଲି ପ୍ରଶାସନିକ ଅଧିକାରୀମାନଙ୍କ ଠାରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ଼ଃ ସ୍ମରଣିକା ହୋତା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୁଶାନ୍ତ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିବା ବେଳେ କଲେଜ କର୍ମଚାରୀ ସୁଶାନ୍ତ ଆଚାର୍ଯ୍ୟ, ପ୍ରବୀର କୁମାର ପାଢ଼ୀ, ରଘୁନାଥ ରେଡ଼ି ପ୍ରମୁଖ ସହଯୋଗ କରିଥିଲେ।

# ମୁଖ୍ୟରାସ୍ତା କଡ଼ରେ ଗୋଦାମ, ଟ୍ରାଫିକ୍ ସମସ୍ୟା




ମୁଖ୍ୟରାସ୍ତା କଡରେ ଥିବା ମାଲ୍ ବୋଝେଇ ଟ୍ରକ୍।

**ପାରଳାଖେମୁଣ୍ଡି,୧୯(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା କଡରେ ଗୋଦାମଗୁଡିକ ଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ସହରର ରାମସାଗର ରାସ୍ତାରୁ ଆରମ୍ଭ କରି ପୁରୁଣା ପାଟଣା ରାସ୍ତା ତଥା ଜାତୀୟ ରାଜପଥ ୩୨୬-ଏ କଡରେ ବହୁ ଗୋଦାମ ଗୃହ ନିର୍ମାଣ କରାଯାଇଛି। ସେହିପରି ରାଣୀପେଣ୍ଠ ରାସ୍ତାରୁ ପୁରୁଣା କୋର୍ଟ ଛକ ମଧ୍ୟରେ ମଧ୍ୟ ଗୋଦାମ ଗୃହ ଗଢି ଉଠିଛି। ଏସବୁ ସ୍ଥାନକୁ ଜିନିଷ ନେଇ ଆସୁଥିବା ଟ୍ରକଗୁଡିକୁ ଗୋଦାମ ପାର୍ଶ୍ୱ ରାସ୍ତାରେ ରହି ଦିନରେ ଅନଲୋଡିଂ କରାଯାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରର ପ୍ରମୁଖ ବ୍ୟବସାୟୀମାନେ ପୁରୁଣାପାଟଣା ରାସ୍ତାରେ ଗୋଦାମ କରିଛନ୍ତି। କାରଣ ବ୍ୟବସାୟୀମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶରୁ ମାଲ ଆଣୁଥିବା ବେଳେ ପୁରୁଣାପାଟଣାରୁ ଆନ୍ଧ୍ର ବର୍ଡର ମାତ୍ର ୧କି.ମି. ଦୂର। ବ୍ୟବସାୟୀଙ୍କୁ ସୁବିଧା ହେଉଥିବାରୁ ଏହି ରାସ୍ତାରେ ବହୁ ସଂଖ୍ୟକ ଗୋଦାମ ଗୃହ ତୋଳିଛନ୍ତି। ଏପଟେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ଦୈନିକ ଯାତାୟତ କରୁଥିବା ଶତାଧିକ ଗାଡି ମୋଟର ଟ୍ରାଫିକରେ ଫସୁଛନ୍ତି। ତେଣୁ ଏପରି ମୁଖ୍ୟରାସ୍ତାରେ ଗୋଦାମ ଗୃହ ନିର୍ମାଣ ଉପରେ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସହର ମଧ୍ୟରେ ମଧ୍ୟ ବହୁ ଗୋଦାମ ଗୃହ ରହିଛି। ଏଥିଯୋଗୁ ମାଲବୋଝେଇ ଟ୍ରକ ଗୁଡିକ ଦିନବେଳେ ସହରରେ ପ୍ରବେଶ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

## ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ

**ବାଲିଗୁଡା, ୧୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜି.ରାଘବେନ୍ଦ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ମଧୁସୂଦନ ମହାପାତ୍ର, ବାଲିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ନିଶାବତୀ ମଳିକ, ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇତିହାସ ପ୍ରାଧ୍ୟାପକ ପ୍ରତ୍ୟୁଷରଞ୍ଜନ ଶତପଥୀ ମହାବିଦ୍ୟାଳୟର ବିଗତ ଦିନର ସ୍ମୃତି ବଖାଣି ଥିଲେ। ସାଂସ୍କୃତିକ ସଂସଦର ଉପସଭାପତି ଡ଼ଃ ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅରୁନ୍ଧତୀ ପ୍ରଧାନ ପୁରସ୍କୃତ ପ୍ରତିଭାଙ୍କ ତାଲିକା ପଠନ କରିଥିଲେ। ଅଧ୍ୟାପକ ହିମାଂଶୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରକ୍ତଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ।

# ଚାଷୀଙ୍କୁ ସବ୍‌ଜି କୁଲର ବଣ୍ଟନ



ବିଧାୟକଙ୍କ ସହ ପିଏ. ଆଇଟିଡିଏ ଏବଂ ଅନ୍ୟମାନେ।

**ଫୁଲବାଣୀ ଅଫିସ, ୧୯**

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଖଜୁରୀପଡା ବ୍ଲକ ଦୁତିପଡା ପଞ୍ଚାୟତର ସୁଜିପଡା ଗ୍ରାମର ଚାଷୀ ପ୍ରଶାନ୍ତ ପ୍ରଧାନଙ୍କୁ ସବ୍‌ଜି କୁଲର ବଣ୍ଟନ କରାଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏହି କୁଲର ପ୍ରଦାନ କରିଥିଲେ। ତିନୋଟି ବ୍ଲକ ଖଜୁରୀପଡା, ଫୁଲବାଣୀ, ଫିରିଙ୍ଗିଆର ୧୦ ଜଣ ଚଷୀଙ୍କୁ ଏହି ସବ୍‌ଜି କୁଲର ବଣ୍ଟନ କରାଯାଇଛି। ନୂତନ ଭାବେ ଯୋଗ ଦେଇଥିବା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଉପସ୍ଥିତ ରହି ଚାଷୀମାନଙ୍କୁ ସବ୍‌ଜି କୁଲର ଆବଶ୍ୟକତା ଉପରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉଦ୍ୟାନ କୃଷି ବିଭାଗ ଅଧିକାରୀ ମିହିର ସାମନ୍ତରାୟ, ଖଜୁରୀପଡା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ମୋନାଲିସା ପ୍ରଧାନ ଯୋଗ ଦେଇଥିଲେ। ଆଇଟିଡିଏ ପ୍ରକଳ୍ପ ପରିଚାଳକ ପି.ମୁରଲୀ ମୋହନ, ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ, ଶୁଭଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୃତ୍ୟଗୀତରେ ମୁଖରିତ ହେଲା ସନ୍ଧ୍ୟା

**ବୁଗୁଡ଼ା,୧୯(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ଓ ଅନ୍ୟ ଅତିଥିବୃନ୍ଦ।

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସର ଶୁଭ ସନ୍ଧ୍ୟା ନୃତ୍ୟ ଗୀତରେ ମୁଖରିତ ହୋଇଛି। ବଡଦାଣ୍ଡରେ ନଗରପାଳ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ଉଦଘାଟନ କରିବା ସହ ବୁଗୁଡା ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ, ବୁଗୁଡା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଆଇଆଇସି ଚିତ୍ତରଞ୍ଜନ ବେହେରା ଓ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାଉନସିଲର ସୁଧାଂଶୁ ପାଢ଼ୀ ଅତିଥି ପରିଚୟ ଦେଇଥିବା ବେଳେ ପିତବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିହୀନ ଭଜନ ସମାରୋହ

**ଧରାକୋଟ, ୧୯ (ଡି.ଏନ୍.ଏ)**

ଧରାକୋଟ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ହରଗୌରି ଦୃଷ୍ଟିହୀନ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଏହି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୃଷ୍ଟିହୀନ ଶରତ ବିଶୋଇ, ସଞ୍ଜୟ ପାତ୍ର, ମାମା ନାୟକ, ତୋଫାନ ଗୌଡ଼ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ପରିଶେଷରେ ଶହୀଦ ଅମର ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ୬ ଫୁଟ୍‌ର ପାହାଡ଼ିଆ ଚିତି ଉଦ୍ଧାର

ବୁଗୁଡ଼ା,୧୯ (ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ପଞ୍ଚାୟତ ଅନ୍ତର୍ଗତ ଗୁଡିପଲ୍ଲୀ ଗ୍ରାମ ଆଡୁଆସାହିର ପଞ୍ଚୁ ଗୌଡ଼ଙ୍କ ଘରୁ ଏକ ପାହାଡିଆ ଚିତି ସାପକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡାଯାଇଛି। ଗୁରୁବାର ଅପରାହ୍ନରେ ପଞ୍ଚୁଙ୍କ ଘର ଚାଳରେ ସାପଟି ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ସ୍ନେକ କ୍ୟାଚର୍ ହରିଶ ପାଢୀ ପହଞ୍ଚି ସାପଟିକୁ କାବୁ କରିଥିଲେ।

## ଅଜିତାଙ୍କୁ ଶ୍ରେଷ୍ଠ ସ୍ୱଚ୍ଛସାଥି ପୁରସ୍କାର



**ଗଞ୍ଜାମ,୧୯୮(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି ପକ୍ଷରୁ ପାଳିତ ହୋଇଛି ସ୍ୱାୟତ୍ତ ଶାସନ ଦିବସ। ଏହି ଅବସରରେ ଏନଏସି ପ୍ରଶାସନ ପୁଇଁତୋଳା ଗ୍ରାମର ଅଜିତା ମହାରଣାଙ୍କୁ ଶ୍ରେଷ୍ଠ ସ୍ୱଚ୍ଛସାଥି ଭାବେ ପୁରସ୍କୃତ କରିଛି। ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଓ ଗ୍ରାସୀମ କମ୍ପାନୀ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତି ପୁରସ୍କାର ସ୍ୱରୂପ ମାନପତ୍ର ପ୍ରଦାନ କରିଥିଲେ। ବିପିନ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମ୍ପାନୀ ଏଚ୍‌ଆର ମୁଖ୍ୟ ନିରଜ ପଟ୍ଟନାୟକ ଓ କାଉନସିଲର ସୁଜାତା ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଂକୀର୍ତ୍ତନ ଦଳ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ବଲସକୁମ୍ପା,୧୯**

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ପା ପୋଲିସ ଫାଣ୍ଡି ଅନ୍ତର୍ଗତ ଗେଟାମୁଣ୍ଡା ଗ୍ରାମ ନିକଟରେ ନାମ ସଂକୀର୍ତ୍ତନ ଦଳ ଗାଡ଼ି ଦୁର୍ଘଟଣା ଘଟି ଅନେକ ଗୁରୁତର ଆହତ ହୋଇଛନ୍ତି। ସୂଚନା ପ୍ରକାରେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ଅଞ୍ଚଳର କୃଷ୍ଣ ଗୁରୁ ନାମ ସଂକୀର୍ତ୍ତନ ଦଳ ଦୁତିପଡ଼ା ଅଞ୍ଚଳରୁ ଗୁରୁବାର ନିଜ ଅଞ୍ଚଳକୁ ଏକ ଡାଲା ଅଟୋ (ନଂ ଓଡି ୨୫ ବି ୮୧୮୨)ରେ ଫେରିବା ବେଳେ କନ୍ଧମାଳ ଓ ବୌଦ୍ଧ ଜିଲା ସୀମାନ୍ତ ଗେଟାମୁଣ୍ଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏଥିରେ ଅନେକ ଭକ୍ତ ଗୁରୁତର ଆହତ ହୋଇଛନ୍ତି। ରାଣୀପଥର ଗ୍ରାମର ଆଶିଷ କୁମାର ବେହେରା, ଚନ୍ଦନ ବେହେରା, କାହ୍ନା ବେହେରା, ସ୍ଥାନୀୟ ଅଞ୍ଚଳର ସାନୁ ପ୍ରଧାନ, ସମିତିସଭ୍ୟ ବୈଦ୍ୟନାଥ ବେହେରା ପ୍ରମୁଖ ଆହତମାନଙ୍କୁ ଉଦ୍ଧାର କରି ପୁରୁଣା କଟକ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।



ଦୁର୍ଘଟଣାଗ୍ରସ୍ତ ଅଟୋ।

# ହାଇଦ୍ରାବାଦରେ ନବରଙ୍ଗପୁରର ଶିଆଳି ଖଲିର ଚାହିଦା

- ଓର୍‌ମାସ ଯୋଗାଇଦେଲା ବଜାର ସୁବିଧା, ତାଲିମ
- ଖାଲି ସମୟକୁ ବ୍ୟବହାରକରି ରୋଜଗାରକ୍ଷମ ହେଉଛନ୍ତି ମହିଳା
- ଖଲି ପ୍ରସ୍ତୁତି କେନ୍ଦ୍ର ବୁଲି ଦେଖିଲେ ମାଲକାନଗିରି ବଣ୍ଡା ମହିଳା

**ନବରଙ୍ଗପୁର,୧୯(ବି.ପ୍ର.)**

ଲୋକେ ଧୀରେ ଧୀରେ ଇକୋ ଫେଣ୍ଡ୍‌ଲି ହେଲେଣି। ପ୍ଲାଷ୍ଟିକ୍ ଅପେକ୍ଷା ଖଲି, ପତ୍ରଥାଳିକୁ ପସନ୍ଦ କରୁଛନ୍ତି। ଏହାକୁ ନଜରରେ ରଖି ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ଗାଁର ମହିଳାମମାନେ ଜଙ୍ଗଲରୁ ଶିଆଳିପତ୍ର ଆଣି ଖଲି ଓ ପତ୍ରଥାଳି ପ୍ରସ୍ତୁତ କରୁଛନ୍ତି। ଓର୍‌ମାସ ସେମାନଙ୍କ ପାଇଁ ବଜାର ବ୍ୟବସ୍ଥା କରାଇଛି। ମହିଳାମାନଙ୍କଠାରୁ ଖଲି ପ୍ଲେଟ୍ ନେଇ ସୁଦୂର ହାଇଦ୍ରାବାଦରେ ବିକ୍ରି କରାଯାଉଛି। ସେଠାରେ ଏହି ଖଲି ପ୍ଲେଟ୍‌ର ଚାହିଦା ବେଶ୍ ରହିଛି। ଗାଁର ମହିଳାମାନେ ମାତୃକୃପା ନାମରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଏହି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସଫଳତା ବିଷୟରେ ଜାଣି ମାଲକାନଗିରି ଜିଲା ମୁଦୁଲିପଡ଼ା ଗାଁର ବଣ୍ଡା ସମ୍ପ୍ରଦାୟ ମହିଳାମାନେ ସେମଳା ଗାଁକୁ ଆସି ଖଲି କିଭଳି ପ୍ରସ୍ତୁତ ହେଉଛି ଓ ଏହାର ବଜାର ବ୍ୟବସ୍ଥା କିଭଳି ରହିଛି ତାହା ଦେଖି ଫେରିଛନ୍ତି।

ବର୍ତ୍ତମାନ ପଲିଥିନ ବ୍ୟବହାର ଓ ବିକ୍ରି ବେଆଇନ ହେବାରେ ଲାଗିଛି। ପତ୍ରରେ ତିଆରି ଖଲି, ଦନା ଆଦିର ଚାହିଦା ବଢିଛି। ତେଣୁ ମାତୃକୃପା ଏସ୍‌ଏଚ୍‌ଜି ମହିଳାମାନେ ଜଙ୍ଗଲରୁ ଶିଆଳିପତ୍ର ସଂଗ୍ରହକରି ସେଥିରୁ ଖଲି ପ୍ରସ୍ତୁତ କରୁଛନ୍ତି। କିସ୍ ପକ୍ଷରୁ ୫୦ଟି ସିଲେଇ ମେଶିନ ଓ ଗୋଟିଏ ପ୍ରେସ୍(ବୋଫେଟ୍) ମେଶିନ ଯୋଗାଇ ଦିଆଯାଇଛି। ଓର୍‌ମାସ ପକ୍ଷରୁ ବଜାର ବ୍ୟବସ୍ଥା ସହ ନୂଆ ଢାଞ୍ଚାରେ ଖଲି ପ୍ରସ୍ତୁତ ତାଲିମ ଦିଆଯାଇଛି। ବଜାରକୁ ଆଧାରକରି ଦର ନିର୍ଦ୍ଧାରଣରେ ଓର୍‌ମାସ ସହଯୋଗ କରୁଛି। ଏହାଛଡ଼ା ହାଇଦ୍ରାବାଦରେ ବଜାର ବ୍ୟବସ୍ଥା କରାଇଛି ଓର୍‌ମାସ। ସଚିନ୍ଦର ଏଣ୍ଟରପ୍ରାଇଜେସ ପ୍ରତି ମାସରେ ୧୨ରୁ ୧୫ହଜାର ଖଲି ସେମଳା ମାତୃ ଶକ୍ତି ଏସ୍‌ଏଚ୍‌ଜିଠାରୁ ନେଉଛି। ନବରଙ୍ଗପୁରରୁ ହାଇଦ୍ରାବାଦ ସିଧାସଳଖ ବସ୍ ସୁବିଧା ରହିଥିବାରୁ ପରିବହନ ସୁବିଧା ମଧ୍ୟ ହେଉଛି ବୋଲି ନବରଙ୍ଗପୁର ଓର୍‌ମାସର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ଉମା ମହେଶ ଜଣାଇଛନ୍ତି। ପ୍ରତି ସଭ୍ୟା ମାସିକ ୪୦୦୦ ଖଲି ପ୍ରସ୍ତୁତ କରୁଛନ୍ତି। ଏ ବାବଦକୁ ସେମାନେ ମାସିକ ୩୫୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଭବିଷ୍ୟତ ଉତ୍ପାଦନ ପାଇଁ ପ୍ରତ୍ୟେକ ମହିଳା ଜମାନିଧି ପାଣ୍ଠି ବାବଦକୁ ପ୍ରତି ମାସରେ ୨୦୦ ଟଙ୍କା ବ୍ୟାଙ୍କଖାତାରେ ଜମା କରୁଛନ୍ତି। ପ୍ରତି ଖଲି ଏକ ଟଙ୍କାରେ ବିକ୍ରି ହେଉଛି। ପ୍ରତି ବିଡାରେ ୧୦୦ ଖଲି ରହୁଛି। ୪୫ ମହିଳାଙ୍କୁ ନେଇ ଉତ୍ପାଦନ ଗ୍ରୁପ୍ ଗଠନ କରାଯାଇଛି। ମାସିକ ୨୦ଦିନ ମହିଳାମାନେ ଖଲି ପ୍ରସ୍ତୁତ କାମ କରୁଛନ୍ତି। ଅନ୍ୟ ଦିନଗୁଡ଼ିକରେ ପତ୍ର ସଂଗ୍ରହ କରିବାକୁ ନିକଟ ଜଙ୍ଗଲକୁ ଯାଉଛନ୍ତି। ହାଇଦ୍ରାବାଦକୁ ଖଲି ପଠାଯାଉଛି ଓ ସ୍ଥାୟୀ ବଜାରରେ ମଧ୍ୟ ବିକ୍ରି କରାଯାଉଛି ବୋଲି ଏସ୍‌ଏଚ୍‌ଜି ସମ୍ପାଦିକା ଚଞ୍ଚଳା ମାଝି କହିଛନ୍ତି। ଏସ୍‌ଏଚ୍‌ଜି ମହିଳାମାନେ କିଭଳି ସମୟ ଦେଇ ରୋଜଗାରକୁ ବଢ଼ାଇବେ ସେଥିପ୍ରତି କାମ କରାଯାଉଛି ବୋଲି ଜୀବିକା ପ୍ରୋତ୍ସାହନ କର୍ମୀ ଚିତ୍ରସେନ ମାଝି କହିଛନ୍ତି।